بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୫

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 37

ବାର୍ଷିକ ଦେୟ : ୬୦୦/-

www.akhbarbadr.in

27 ସିଫର୍ 1445 ହି.କ, 14 ତୁବୁକ୍ 1402 ହି.ଶ 14 SEP 2023 ମସିହା

### ଅଲ୍ଲାଃତାଲାଙ୍କ ବାଣୀ

وَلَقَدۡ صَرَّفۡنَا لِلنَّاسِ
فِیۡ ھٰذَا الۡقُرۡاٰنِ مِنۡ کُلِّ مَثَلٍ
فَاَبٰۤی اَکۡثَرُ النَّاسِ اِلَّا کُفُوۡرًا

**(ବନି ଇସ୍ରାଇଲ୍-90)**

ଅନୁବାଦ : ଏବଂ ଆମ୍ଭେ ଏହି ପବିତ୍ର କୁରଆନରେ ବାସ୍ତବିକ ପ୍ରତ୍ୟେକ ଆବଶ୍ୟକୀୟ ବିଷୟକୁ ବିଭିନ୍ନ ପ୍ରଣାଳୀରେ ବର୍ଣ୍ଣନା କରିଅଛୁ । କିନ୍ତୁ ଅଧିକାଂଶ ଲୋକ ଏ ସଂକ୍ରାନ୍ତରେ ଅବଜ୍ଞାମୂଳକ ପନ୍ଥା ଅବଲମ୍ବନ କରି ପ୍ରତ୍ୟେକ ବିଷୟକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### ଅଲ୍ଲାଃତାଲା ନିଜ ଭକ୍ତଙ୍କର ଦୋଷ ଦୁର୍ବଳତାକୁ ଲୁଚାଇ ଥାଆନ୍ତି ।

(2441) ହ. ଅବଦୁଲ୍ଲାଃ ବିନ୍ ଉମର୍ [ର.ଅ] ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ କହୁଥିବାର ଶୁଣିଲି : ଅଲ୍ଲାଃତାଲା ନିଜର ବିଶ୍ୱାସକାରୀମାନଙ୍କୁ ଏତେ ସମୀପବର୍ତ୍ତୀ କରାଇ ନେବେ ଯେ, ଭକ୍ତ ଉପରେ ସେ ନିଜର କୃପାମୂଳକ ଛାୟା (ଅର୍ଥାତ ଭଗବାନଙ୍କ ଆଶୀର୍ବାଦ) ପକାଇବେ ଓ ତା' ଦୋଷ ଦୁର୍ବଳତାକୁ ଲୁଚାଇବେ ଏବଂ ଭକ୍ତକୁ ଅଲ୍ଲାଃତାଲା ପ୍ରଶ୍ନ ମଧ୍ୟ କରିବେ ଯେ, ଭକ୍ତ ! କ'ଣ ତୁମକୁ ଅମକ ପାପ ମନେଅଛି ? କ'ଣ ତୁମକୁ ଅମକେ ପାପ ମନେଅଛି ? ଭକ୍ତ କହିବ: ହେ ମୋର ପାଳନ କର୍ତ୍ତା ! ହଁ ମୋତେ ସେହି ପାପ ସଂପର୍କରେ ସବୁ ଜ୍ଞାତ ଅଛି । ଏପର୍ଯ୍ୟନ୍ତକି ସେ ନିଜର ସମସ୍ତ ପାପ ସଂକ୍ରାନ୍ତରେ ସ୍ୱୀକାରୋକ୍ତି ପ୍ରକାଶ କରିନେବ ଏବଂ ସେହି ବିଶ୍ୱାସକାରୀ ନିଜ ମନରେ ଏହା ଭାବିବ ଯେ, ସେ ନିପାତ ହୋଇଗଲା । ତେବେ ଅଲ୍ଲାଃତାଲା କହିବେ: ମୁଁ ମର୍ତ୍ତ୍ୟାଲୋକରେ ତୋର ଅମକ ପାପ ଲୁଚାଇଥିଲି ଏବଂ ମୁଁ ଆଜି ମଧ୍ୟ ତୋର ପାପକୁ ଲୁଚାଇ ଦେଉଛି । ଏହାପରେ ତା'ର ପୁଣ୍ୟାବଳୀର ପୁସ୍ତକ ତା'କୁ ପ୍ରଦାନ କରାଯିବ ଓ ଯେଉଁମାନେ ଅବିଶ୍ୱାସକାରୀ ଓ କପଟବିଶ୍ୱାସୀ ହୋଇଥିବେ ସେହି ସମସ୍ତ ସାକ୍ଷ୍ୟମାନେ କହିବେ: ଏହି ଲୋକମାନେ ହେଉଛନ୍ତି ସେହିମାନେ ଯେଁଉମାନେ ନିଜର ପାଳନକର୍ତ୍ତାଙ୍କ ଉପରେ ମିଥ୍ୟାରୋପ କଲେ । ତୁମେମାନେ ସତର୍କ ରୁହ ! ଅନ୍ୟାୟୀ ଓ ଅତ୍ୟାଚାରୀ ବ୍ୟକ୍ତି ଉପରେ ପ୍ରଭୁଙ୍କ ଅଭିଶାପ ଅବତୀର୍ଣ୍ଣ ହେବ ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମମସିହା, କାଦିଆନ୍)**

### ପ୍ରତିଶୃତ ମସିହ୍[ଅ.ସ]ଙ୍କ ନିତୀବାଣୀ:-

**ମୋର ତ' ଏହି ଧର୍ମମତ ରହିଛି ଯେ, ଦୁଆରେ ଶତ୍ରୁମାନଙ୍କୁ ମଧ୍ୟ ପାସୋରି ଦିଅ ନାହିଁ । ଯେଉଭଳି ଦୁଆ ବ୍ୟାପକ ହୋଇ ଚାଲିବ ସେହିଭଳି ଲାଭ ଦୁଆକାରୀ ବ୍ୟକ୍ତିକୁ ମଧ୍ୟ ପ୍ରାପ୍ତ ହେବ ଓ ବ୍ୟକ୍ତି ଯେଉଁଭଳି ଦୁଆରେ କୃପଣତା ଅବଲମ୍ବନ କରିବ ସେହିପରି ଭାବରେ ସେ ଅଲ୍ଲାଃତାଲାଙ୍କ ସାମୀପ୍ୟତା ଠାରୁ ଦୂରେଇ ଯାଇଥାଏ ।**

ମନେରଖ ! ସହାନୁଭୂତି ତିନି ପ୍ରକାରର ଅଟେ । **ପ୍ରଥମ**- ଶାରୀରିକ, **ଦ୍ୱିତୀୟ**-ଆର୍ଥିକ, **ତୃତୀୟ**-ପ୍ରର୍ଥନାଗତ । ଏହି ପ୍ରକାରର ସହାନୁଭୂତିରେ ନା ଅର୍ଥ ବ୍ୟୟ ହୋଇଯିବାର ଆଶଙ୍କା ରହିଥାଏ ଓ ନା ହିଁ ବଳ ପ୍ରୟୋଗ କରିବାକୁ ପଡ଼ିଥାଏ । ଏହାର ଲାଭ ଅତ୍ୟନ୍ତ ବ୍ୟାପକ । କାରଣ ଶାରୀରିକ ସହାନୁଭୂତି ତ' ସେହି ପରିସ୍ଥିତରେ ମନୁଷ୍ୟ ପ୍ରଦର୍ଶନ କରିପାରିବ ଯେତେବେଳେ ମନୁଷ୍ୟ ମଧ୍ୟରେ ଶକ୍ତି ବା ବଳ ଥିବ । ଉଦାହରଣ ସ୍ୱରୂପ ଜଣେ ଦୁର୍ବଳ, ଆହତ ତଥା ଦରିଦ୍ର ବ୍ୟକ୍ତି ଯଦି କେଉଁଠି ପଡ଼ି ଛଟପଟ ହୁଏ ତେବେ ଯଦି ଅନ୍ୟ ବ୍ୟକ୍ତି ଯାହା ମଧ୍ୟରେ ସ୍ୱୟଂ ଶକ୍ତି ଓ ସାମର୍ଥ୍ୟତା ନାହିଁ ସେ କିପରି ସେହି ଆହତ ଓ ନିର୍ବଳ ବ୍ୟକ୍ତିକୁ ଉଠାଇ ପାରିବ ତଥା ତା'କୁ ସାହାଯ୍ୟ କରିପାରିବ ? ଠିକ୍ ସେହିପରି ଯଦି କୌଣସି ବ୍ୟକ୍ତି ଅସହାୟ, ସମ୍ବଳହୀନ ମନୁଷ୍ୟ ବୁଭୁକ୍ଷତା ଯୋଗୁଁ ଡ଼ହଳ ବିକଳ ହୋଇଥାଏ ତେବେ ଯେପର୍ଯ୍ୟନ୍ତ ତା' ନିକଟରେ ଧନ ତଥା ଅର୍ଥ ନାହିଁ ସେପର୍ଯ୍ୟନ୍ତ ସେ ଅନ୍ୟ ପ୍ରତି କିପରି ସାହନୁଭୂତି ପ୍ରଦର୍ଶନ କିରାପାରବ ? କିନ୍ତୁ ଦୁଆ (ପାର୍ଥନା) ସହିତ ସହାନୁଭୂତି ପ୍ରଦର୍ଶନ କରିବା ଏପରି ଏକ ସହାନୁଭୂତି ଅଟେ ଯେ, ନା ଏଥିପାଇଁ କୌଣସି ଅର୍ଥ ବା ଧନର ଆବଶ୍ୟକତା ପଡ଼ିଥାଏ ଓ ନା ହିଁ କୌଣସି ଶକ୍ତିର ଆବଶ୍ୟକତା ପଡ଼ିଥାଏ । ବରଂ ଯେପର୍ଯ୍ୟନ୍ତ ମନୁଷ୍ୟ ମନୁଷ୍ୟ ହୋଇ ରହିଛି ସେପର୍ଯ୍ୟନ୍ତ ସେ ଅନ୍ୟ ପାଇଁ ପ୍ରର୍ଥନା ହିଁ କିରପାରିବ ଓ ତା'କୁ କେବଳ ଲାଭ ହିଁ ପହଞ୍ଚାଇ ପାରିବ । ଏହି ସହାନୁଭୂତିର ଲାଭ ଅତ୍ୟନ୍ତ ଅସୀମ ଓ ବ୍ୟାପକ ଅଟେ । ଯଦି ଏହି ସହାନୁଭୂତିକୁ ମନୁଷ୍ୟ ଅନ୍ୟତ୍ର ବିନିଯୋଗ ନକରେ ତେବେ ଜାଣ ଯେ, ସେହି ବ୍ୟକ୍ତି ଅତ୍ୟନ୍ତ ହତଭାଗ୍ୟ ବ୍ୟକ୍ତି ଅଟେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ମୁଁ କହିଲି କି ଆର୍ଥିକ ଓ ଶାରୀରିକ ସହାନୁଭୂତି ପ୍ରଦର୍ଶନ କରିବା ପାଇଁ ମନୁଷ୍ୟ ବାଧ୍ୟ ହୋଇଯାଇଥାଏ । କିନ୍ତୁ ଦୁଆ ସହିତ ସହାନୁଭୂତି ପ୍ରଦର୍ଶନ କରିବାରେ ସେ ବାଧ୍ୟ ହୋଇ ନଥାଏ । ମୋର ତ' ଏହି ଧର୍ମମତ ରହିଛି ଯେ, ଦୁଆରେ ଶତ୍ରୁମାନଙ୍କୁ ମଧ୍ୟ ପାସୋରି ଦିଅ ନାହିଁ । ଯେଉଭଳି ଦୁଆ ବ୍ୟାପକ ହୋଇ ଚାଲିବ ସେହିଭଳି ଲାଭ ଦୁଆକାରୀ ବ୍ୟକ୍ତିକୁ ପ୍ରାପ୍ତ ହେବ ଓ ବ୍ୟକ୍ତି ଯେଉଁଭଳି ଦୁଆରେ କୃପଣତା ଅବଲମ୍ବନ କରିବ ସେହିପରି ଭାବରେ ସେ ଅଲ୍ଲାଃତାଲାଙ୍କ ସାମୀପ୍ୟତା ଠାରୁ ଦୂରେଇ ଯାଇଥାଏ । ବାସ୍ତବତା ଏହିକି ଯେ, ଅଲ୍ଲାଃତାଲାଙ୍କ ଅନୁଦାନ ଯାହାକି ଅତ୍ୟନ୍ତ ବ୍ୟାପକ ତଥା ଅପାର ହୋଇଥାଏ । ଯେଉଁ ବ୍ୟକ୍ତି ପ୍ରଭୁଙ୍କ ଦୁଆ ଜନିତ ଅନୁଦାନକୁ ସୀମିତ କରିବା ପାଇଁ ଉଦ୍ୟମ କରେ ତେବେ ସେହି ବ୍ୟକ୍ତିର ବିଶ୍ୱାସ୍ ଅତ୍ୟନ୍ତ ନିକୃଷ୍ଟତର । (ମଲଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-479, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)

☆ ☆ ☆

**يَسۡـَٔلُوۡنَكَ عَنِ الرُّوۡحِ -ସେମାନେ ତୁମ୍ଭଙ୍କୁ ଆତ୍ମା ସଂକ୍ରାନ୍ତରେ ପ୍ରଶ୍ନ କରୁଛନ୍ତି ।**

**ଏହି ଆମ୍ଵା ଯାହା ସଂକ୍ରନ୍ତରେ ପ୍ରଶ୍ନ କରାଯାଇଚ଼ି ତାହା କ'ଣ ? କେତେକ ବ୍ୟାଖ୍ୟାକାରମାନେ ତହିଁରୁ ଜିବ୍ରାଇଲ୍ ଅ.ସ ବୋଲି ଯଥାର୍ଥ ନେଇଛନ୍ତି ଆଉ କେତେକ ବ୍ୟାଖ୍ୟାକାର ତହିଁରୁ ପବିତ୍ର କୁରଆନ୍ ଯଥାର୍ଥ ନେଇଛନ୍ତି, ଆଉ କେତେକ ବ୍ୟଖ୍ୟାକାରମାନେ ତହିଁରୁ ଈଶ୍ୱରଦୂତ ବୋଲି ଯଥାର୍ଥ ନେଇଛନ୍ତି । ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ 'ଆମ୍ଵା'ର ଅର୍ଥ ଈଶ୍ୱରବାଣୀ ବୋଲି ବିବେଚିତ କରିଛନ୍ତି । ଏହି ଅର୍ଥଟି ଉପରୋକ୍ତ ସମସ୍ତ ଅର୍ଥ ଅପେକ୍ଷା ଅଧିକ ଶ୍ରେୟସ୍କର ଓ ଉପଯୁକ୍ତ ଅଟେ । ହ. ମସିହ୍ ମଉଦ୍ ଅ.ସ ଅତ୍ୟନ୍ତ ବିସ୍ତୃତ ଆଲୋଚନ ସହିତ ଉକ୍ତ ଆୟତ ଉପରେ ବିତର୍କ କରିଛନ୍ତି ଓ ଏହାର ଅର୍ଥ ମାନବିକ ଆମ୍ଵା ବୋଲି ଦର୍ଶାଇଛନ୍ତି ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାଃ ବନି ଇସ୍ରାଇଲ୍‌ର 86 ନଂ ଆୟତ୍ وَيَسْـَٔلُوْنَكَ عَنِ الرُّوْحِ قُلِ الرُّوْحُ مِنْ اَمْرِ رَبِّيْ وَمَاۤ اُوْتِيْتُمْ مِّنَ الْعِلْمِ اِلَّا قَلِيْلًا ର ବ୍ୟଖ୍ୟା କରି କୁହନ୍ତି: ଏହି ଆମ୍ଵା ଯାହା ସଂକ୍ରନ୍ତରେ ପ୍ରଶ୍ନ କରାଯାଇଛି ତାହା କ'ଣ ? ତତ୍‌ସଂକ୍ରାନ୍ତରେ ବିଭିନ୍ନ ବ୍ୟାଖ୍ୟାକାରମାନେ ଭିନ୍ନ ଭିନ୍ନ ଅର୍ଥ ଗ୍ରହଣ କରିଛନ୍ତି। କେତେକ ବ୍ୟାଖ୍ୟାକାରମାନେ ତହିଁରୁ ହ. ଜିବ୍ରାଇଲ୍ ଅ.ସ ବୋଲି ଯଥାର୍ଥ ନେଇଛନ୍ତି ତ' ଆଉ କେତେକ ବ୍ୟାଖ୍ୟାକାର ତହିଁରୁ ପବିତ୍ର କୁରଆନ୍ ଯଥାର୍ଥ ନେଇଛନ୍ତି। କାରଣ ଏହି ଆୟତ୍ ପୂର୍ବରୁ ଓ ପରେ ମଧ ପବିତ୍ର କୁରଆନ୍ କରୀମ୍‌ର ଚର୍ଚ୍ଚା ରହିଛି **(ବେହରେ ମୁହିତ୍)** । ଆଉ କେତେକ ବ୍ୟାଖ୍ୟାକାରମାନେ ତହିଁରୁ ଈଶ୍ୱରଦୂତ ବୋଲି ଯଥାର୍ଥ ନେଇଛନ୍ତି । ସେହି ଈଶ୍ୱରଦୂତ ଯାହାଙ୍କ ଉପରେ ସଂସାରର ଉତ୍ପତ୍ତିର ଦାୟିତ୍ୱ ନ୍ୟସ୍ତ ହୋଇଛି । ଆଉ କେତେକ ବ୍ୟାଖ୍ୟାକାରମାନେ ପ୍ରତ୍ୟେକ ଈଶ୍ୱରଦୂତକୁ ଆମ୍ଵା ବୋଲି କୁହନ୍ତି ଓ ଆଉ କେତେକଙ୍କ ମତରେ ଏକ ବିଶେଷ ଈଶ୍ୱରଦୂତ ଯାହାକୁ ଅଲ୍ଲାଃତାଲା କେବଳ ନିଜର ମହିମାଗାନ ନିମନ୍ତେ ସୃଷ୍ଟି କରିଛନ୍ତି । ଆଉ କେତେକ ବ୍ୟାଖ୍ୟାକାରୀମାନେ ଉକ୍ତ ବର୍ଣ୍ଣନାକୁ ସାହାବା ରିଜ୍‌ୱାନୁଲ୍ଲାଃ ଅଲୈହିମ୍ ଅଜ୍‌ମିଇନ୍ ପର୍ଯ୍ୟନ୍ତ ପ୍ରଲମ୍ବିତ କରିଦେଇଛନ୍ତି ଯେ, ଏହାର ଏକଶତ ମୁଣ୍ଡ ରହିଛି । ପ୍ରତ୍ୟେକ ମୁଣ୍ଡରେ ଶହେଟି ତୁଣ୍ଡ ବା ପାଟି ରହିଛି ଏବଂ ଗୋଟିଏ ପାଟିରେ ଶହେଟି ଜୀଭ ରହିଛି । ପ୍ରତ୍ୟେକ ଜୀଭ ଶହେ ଶହେଟି ଭାଷାରେ ପ୍ରଭୁଙ୍କ ମହିମା ଗାନ କରେ । ସେ ସମ୍ଭବତଃ ଏହି ବର୍ଣ୍ଣନାକୁ ବର୍ଣ୍ଣନା କରି ଏହା ବୁଝି ନେଲେ ଯେ, ସମ୍ଭବତଃ ଏହିପରି ଭାବରେ ଈଶ୍ୱରଙ୍କ ପ୍ରଶଂସା ଓ ତାଙ୍କ ମହିମାର ଅଧିକାର ସମ୍ପୂର୍ଣ୍ଣ ତଥା ସମ୍ପାଦିତ ହୋଇଯିବ । କିନ୍ତୁ ଏହି ମହିମା ଅପେକ୍ଷା ଆଁହଜରତ ସ.ଅଙ୍କ ଉମ୍ମତ (ଧର୍ମାବଲମ୍ବୀମାନେ) ହିଁ ଅଧିକ ଅଲ୍ଲାଃତାଲାଙ୍କର ପ୍ରଶଂସା କରୁଛନ୍ତି । ସମଗ୍ର ବିଶ୍ୱରେ ମୁସଲମାନମାନେ ପରିବ୍ୟାପ୍ତ ଅଟନ୍ତି । ହଜାର ହଜାର ଭାଷା ସଂସାରରେ ଲୋକମାନେ କଥାବାର୍ତ୍ତା କରନ୍ତି ଓ ପ୍ରତ୍ୟେକ ଭାଷାରେ ପ୍ରଭୁଙ୍କ ପ୍ରଶଂସା କରୁଛନ୍ତି । ମୟୋଦୟ ଶିକ୍ଷକ ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ ଏଠାରେ 'ଆମ୍ଵା'ର ଅର୍ଥ ଈଶ୍ୱରବାଣୀ ବୋଲି ବିବେଚିତ କରିଛନ୍ତି । ଏହି ଅର୍ଥଟି ଉପରୋକ୍ତ ସମସ୍ତ ଅର୍ଥ ଅପେକ୍ଷା ଅଧିକ ଶ୍ରେୟସ୍କର, ସଠିକ୍ ଓ ଉପଯୁକ୍ତ ଅଟେ । ହ. ମସିହ୍ ମଉଦ୍ ଅ.ସ ଅତ୍ୟନ୍ତ ବିସ୍ତୃତ ଆଲୋଚନା ସହିତ ଉକ୍ତ ଆୟତ୍ ଉପରେ ବିତର୍କ କରିଛନ୍ତି ଓ ଏହାର ଅର୍ଥ ମାନବିକ ଆମ୍ଵା ବୋଲି ଦର୍ଶାଇଛନ୍ତି । ଆପଣ ଅ.ସ କୁହନ୍ତି ଯେ, ଉକ୍ତ ଆୟତ୍‌ରେ ଆମ୍ଵା ସଂକ୍ରାନ୍ତରେ ଅନେକ ବଡ଼ ବଡ଼ ଅଧ୍ୟାମ୍ ପରିଚୟ ପ୍ରସଙ୍ଗ ପ୍ରଦାନ କରାଯାଇଛି ।

ଉକ୍ତ ଆୟତ୍‌ରେ ଯାହା କୁହାଯାଇଛି ଯେ, ଲୋକମାନେ ପ୍ରଶ୍ନ କରୁଛନ୍ତି ଯେ, ଆମ୍ଵା କ'ଣ ? ଏଥି ସଂକ୍ରାନ୍ତରେ ଆହଦିସ୍‌ରେ ବିଭିନ୍ନ ବର୍ଣ୍ଣନା ବର୍ଣ୍ଣିତ ହୋଇଛି । କେତେକ ହଦିସ୍‌ରେ ତ' ଏହା ଉଲ୍ଲେଖ ରହିଛି ଯେ, ଏହି ପ୍ରଶ୍ନ ଇହୁଦୀମାନେ ମଦିନାରେ କରିଥିଲେ । କିନ୍ତୁ ଏହା ବିରୁଦ୍ଧରେ ଏହି କଥା ଉପସ୍ଥାପିତ କରାଯାଏ ଯେ, ଏହି ସୁରାଃଟି ମକ୍କୀୟ ସୁରାଃ ଅଟେ । ଏହାର ଉତ୍ତର ସେହି ଲୋକମାନେ ଏହିପରି ଦିଅନ୍ତି ଯେ, ଉକ୍ତ ସୁରାଃର କେତେକ ଆୟତ୍ ମଦନୀୟ ଅଟେ (କିନ୍ତୁ ଯେପରିକି ମୁଁ ଉପରୋକ୍ତରେ ବର୍ଣ୍ଣନା କରି ଆସିଛି ଏହା ସଠିକ୍ ନୁହେଁ) କେତେକ ବ୍ୟକ୍ତି କହିଲେ ଏ ଯେଉଁ ପ୍ରଶ୍ନ ପ୍ରଥମେ ମକ୍କାରେ ହୋଇଥିଲା ଓ ପୁନଶ୍ଚ ପୁନଃ ମଦିନାରେ ମଧ ହେଲା । ହ. ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏହି ପ୍ରଶ୍ନ ମଦିନାରେ ହୋଇଥିଲା ଏବଂ ବିଚିତ୍ର କଥା ଏହିକି ଯେ, ସେ ହିଁ ଉକ୍ତ କଥାର ବର୍ଣ୍ଣନାକାରୀ ଅଟନ୍ତି ଯେ, ଉକ୍ତ ସୁରାଃଟି ମକ୍କୀୟ ଅଟେ । ଏହାର ଉତ୍ତର କେତେକ ବିଦ୍ୱାନ୍‌ମାନେ ଏହିପରି ପ୍ରଦାନ କରିଛନ୍ତି ଯେ, ଏହି ପ୍ରଶ୍ନ ପୁନଃ ମଦିନାରେ ମଧ ହେବ ।

ଯେଉଁ ଲୋକମାନେ ଉକ୍ତ ଆୟତ୍‌କୁ ମକ୍କୀୟ ବର୍ଣ୍ଣନା ବୋଲି ବିବେଚିତ କରୁଛନ୍ତି ସେମାନେ କୁହନ୍ତି ଯେ, ମକ୍କାର କେତେକ ଲୋକମାନେ ମଦିନା ଯାଇଥିଲି ଓ ସେଠାରେ ଯାଇ ସେମାନେ ଇହୁଦୀମାନଙ୍କ ନିକଟରେ ଆଁହଜରତ ସ.ଅଙ୍କର ଚର୍ଚ୍ଚା କଲେ ଓ କହିଲେ ଯେ, ଏହିପରି ଭାବରେ ଜଣେ ଅବତାରତ୍ୱର ଦାବିକାରୀ ବ୍ୟକ୍ତି ଆମ ମଧ୍ୟରେ ଛିଡ଼ା ହୋଇଛି । ଆମେ ତା'କୁ କ'ଣ ପ୍ରଶ୍ନ କରିବୁ, ଯଦ୍ୱାରାକି ସେମାନଙ୍କର ମିଥ୍ୟାର ରହସ୍ୟ ଉନ୍ମୁକ୍ତ ହୋଇଯିବ । ସେମାନେ ଉତ୍ତର ଦେଲେ ଯେ, ଆମ୍ଵା ଓ ଅସ୍‌ହାବେ କହଫ୍ ଓ ଜୁଲ୍ କର୍ନୈନ୍ ସଂପର୍କରେ ଏ ସଂକ୍ରାନ୍ତରେ ପ୍ରଶ୍ନ କର । ପ୍ରତ୍ୟୁତ୍ତରରେ ସେହି ଲୋକମାନେ ମକ୍କାରେ ଫେରି ଆସି ଆଁହଜରତ ସ.ଅ ଏହି ପ୍ରଶ୍ନ କଲେ ଓ ଏହି ଆୟତ୍ ଅବତୀର୍ଣ୍ଣ ହେଲା ।

ମୋ ନିକଟରେ ପ୍ରଥମ ଥର କରି ପ୍ରଶ୍ନ ମକ୍କାରେ ହିଁ ହୋଇଥିଲା ଏବଂ ସେହିଠାରେ ହିଁ ଉତ୍ତର ମିଳିଥିଲା । ସମ୍ଭବତଃ କେବଳ ମଦିନାରେ ମଧ ଇହୁଦୀମାନେ ଅବଶ୍ୟ ପ୍ରଶ୍ନ କରିଥିବେ ତାହା ନୁହେଁ । ବରଂ ଯେତେବେଳେ ଇହୁଦୀମାନଙ୍କର ଉତ୍ତେଜିତ ହେବା ଯୋଗୁଁ ଏହି ପ୍ରଶ୍ନ ହୋଇଥିଲା ସେତେବେଳେ ସେମାନେ ମଧ ଅବଶ୍ୟ ଏହି ପ୍ରଶ୍ନ କରିଥିବେ । କିନ୍ତୁ ଏହା ସଠିକ୍ ନୁହଁ ଯେ, ଉକ୍ତ ଆୟତ୍‌ଟି କେବଳ ଯେ, ପୁନଃ ଅବତୀର୍ଣ୍ଣ ହେଲା ତାହା ନୁହେଁ ବରଂ ମଦିନାରେ ଯେତେବେଳେ ଏହି ପ୍ରଶ୍ନ ଉତ୍ଥାପିତ ହୋଇଥିବ ସେତେବେଳେ ରସୁଲୁଲ୍ଲାଃ ସ.ଅ ପ୍ରତ୍ୟୁତ୍ତରପୂର୍ବକ ଉକ୍ତ ଆୟତ୍ ପାଠ କରି ଦେଇଥିବେ । ଉକ୍ତ ଘଟଣାକୁ କୌଣସି ଜଣେ ବର୍ଣ୍ଣନାକାରୀ ବର୍ଣ୍ଣନା କଲେ ଓ ପରବର୍ତ୍ତୀ ବର୍ଣ୍ଣନାକାରୀଙ୍କ ମଧ୍ୟରୁ କୌଣସି ବର୍ଣ୍ଣନାକାରୀ ଏହା ବୁଝି ନେଲେ ଯେ, ସମ୍ଭବତଃ ଉକ୍ତ ପ୍ରଶ୍ନର ପ୍ରତ୍ୟୁତ୍ତରରେ ଏହି ଆୟତ୍‌ଟି ଅବତୀର୍ଣ୍ଣ ହୋଇଥିଲା । **(ତଫ୍‌ସିର୍ କବିର୍, ଗ୍ରନ୍ଥ ଖଣ୍ଡ-4, ପୃ-380, 2010 ମସିହା)**

☆ ☆ ☆

ଗତ ଶୁମାରା (ସଂଖ୍ୟା) 36ରେ ଅବଶିଷ୍ଟାଂଶ......

## ପୃ 2 ଓ 12 ରେ ବର୍ଣ୍ଣିତ ବିଷୟ ବସ୍ତୁ (ମୁନସିଫ୍ ଖବର କାଗଜରେ ଅହେମଦିମାନଙ୍କୁ କାଫିର ବିବେଚିତ କରିବା ନିମନ୍ତେ ହୀନ ପ୍ରୟାସ)

ବିଶେଷ କରି ଅଖିଳ ଭାରତୀୟ ପର୍ସନଲ୍ ଲ ବୋର୍ଡ଼ ପକ୍ଷେ ଏହା ଉଚିତ ହେବ ଯେ, ସେ ପ୍ରତିକ୍ରିୟାପୂର୍ବକ ହୋଇ କେନ୍ଦ୍ର ତଥା ରାଜ୍ୟ ସ୍ତରୀୟ ପ୍ରଶାସନଙ୍କ ନିକଟରେ ପ୍ରତିନିଧିତ୍ୱ କରି ପ୍ରକୃତ ପରିସ୍ଥିତ ଓ ପ୍ରକୃତ ସ୍ଥିତାବସ୍ଥା ସହିତ ପରିଚୟ କରାନ୍ତୁ । ସେମାନଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ ହେଉଛି ଯେ, ସେମାନେ ମିର୍ଜା ଗୁଲାମ୍ ଅହେମଦ କାଦିଆନୀର ଓ ତା'ର ଅନୁଗାମୀମାନଙ୍କ ଅନ୍ୟ ଧର୍ମାବଲମ୍ବୀମାନଙ୍କ ସହିତ ଆଖ୍ଯା ଏବଂ ଅତୀତରେ ଇଂରେଜମାନଙ୍କ ସହିତ ମିଶି ଅନେକ ଷଡ଼ଯନ୍ତ୍ର ରଚିଛନ୍ତି ବୋଲି ସରକାରଙ୍କୁ ଅବଗତ କରାନ୍ତୁ । ଅଣ ମୁସଲମାନମାନଙ୍କ କଥା ଛାଡ଼ନ୍ତୁ ମୁସଲମାନମାନଙ୍କର ସଂଖ୍ୟା ଗରିଷ୍ଠତା ମଧ ଉକ୍ତ ଗୋଷ୍ଠୀର ଉପଦ୍ରବ ତଥା ଷଡ଼ଯନ୍ତ୍ର ସହିତ ପରିଚିତ ନୁହନ୍ତି । ସେହି ଗୋଷ୍ଠୀର ସଂସ୍ଥାପକ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ମିଥ୍ୟା ତଥା ପ୍ରବଞ୍ଚକତାର ସାହାଯ୍ୟ ନେଇଥିଲା । କିନ୍ତୁ ଯେତେବେଳେ ଆମେମାନେ ତା' ପୁସ୍ତକର ଅଧ୍ୟୟନ କରୁ ସେତେବେଳେ ତା'ର ସମସ୍ତ ମିଥ୍ୟା ତଥା ଚଞ୍ଚକତା ସ୍ପଷ୍ଟ ବାରି ହୋଇପଡ଼େ । ମିର୍ଜା ଗୁଲାମ୍ ଅହେମଦ କାଦିଆନୀ, ମୁଜଦ୍ଦିଦିୟତ୍ ଓ ମେହଦୀୱିୟତ୍, ମସିଲିୟତେ ମସିହ୍, ମସିହିୟତ୍, ଜିଲ୍ଲି ନବୀ, ବୁରଜୀ ନବୀ, ପ୍ରକୃତ ନବୀ, ଜିଲ୍ଲେ ମୁହମ୍ମଦ୍ ସ.ଅ ଏପର୍ଯ୍ୟନ୍ତକି ସ୍ୱୟଂ ଈଶ୍ୱର ହେବାର ଦାବି କରିଛି । ଏସବୁ ସତ୍ତ୍ୱେ ତା'ର ଅନୁଗାମୀମାନେ ନିଜକୁ ଅହେମଦି ମୁସଲମାନ ବୋଲାଇବାକୁ ପସନ୍ଦ କରୁଛନ୍ତି ଏବଂ ଏହି ଆଶା ରଖୁଛନ୍ତି ଯେ, ଅନ୍ୟ ମୁସଲମାନମାନେ ମଧ ସେମାନଙ୍କୁ ମୁସଲମାନ ବୋଲି ମନେକରନ୍ତୁ । ଅତଃ ଏହି ପ୍ରଶ୍ନ ଉତ୍ଥାପିତ ହୁଏ ଯେ, କ'ଣ କାଦିଆନୀମାନଙ୍କୁ ମୁସଲମାନ ବୋଲି ଗ୍ରହଣ କରିନେବା ପାଇଁ ଦେଶର ମୁସଲମାନମାନଙ୍କୁ ବାଧ କରାଯାଇ ପାରିବ କି ? ଯଦି ସରକାର ଏପରି କିଛି ପଦକ୍ଷେପ ଗ୍ରହଣ କରନ୍ତି ତେବେ କ'ଣ ଭାରତ ବର୍ଷର ଇସ୍‌ଲାମୀୟ ଧର୍ମାବଲମ୍ବୀମାନେ ଏହା ସ୍ୱୀକାର ଓ ସହ୍ୟ କରିପାରିବେ ଯେ, କାଦିଆନୀମାନେ ଆମମାନଙ୍କୁ ମୁସଲମାନ ବୋଲି ସ୍ୱୀକାର କରୁ ନାହାନ୍ତି । ଅର୍ଥାତ ସେମାନଙ୍କ ଦୃଷ୍ଟିରେ ଆମେମାନେ ହେଉଛି ଅବଜ୍ଞାକାରୀ । କିନ୍ତୁ ସେମାନେ ଜନସାଧାରଣଙ୍କୁ ଏହା କେବେ କୁହନ୍ତି ନାହିଁ ଯେ, ସେମାନଙ୍କର ସଂପ୍ରଦାୟ, ସଂପ୍ରଦାୟର ସଂସ୍ଥାପକ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଓ ତାଙ୍କର ବୟୋଜ୍ୟେଷ୍ଠମାନେ (ଅବଶିଷ୍ଟାଂଶ ପୃ- 12ରେ.....)

# (ଖୁତ୍‌ବା ଜୁମା)

**ହେ ଅଲ୍ଲାଃ ! ମୁହମ୍ମଦ ସ.ଅ ଯେଉଁ ପ୍ରସଙ୍ଗ ପ୍ରତି ଆମନ୍ତ୍ରିତ କରୁଛନ୍ତି ଯଦି ତାହା ସତ୍ୟ ତେବେ ସାତ ଥର ତାଙ୍କରି ତୀର ବାହାର କର, ମୁଁ ସାତ ଥର ତାଙ୍କରି ତୀର ବାହାର କଲି ପୁନଶ୍ଚ ମୁଁ ସାତ ଥର କାଗଜ ଗୁଳା ପକାଇଲି ଓ ସାତ ଥର ଆପଣ ସ.ଅଙ୍କର ହିଁ ତୀର ବାହାରିଲା ।**

**ନିଷ୍ଠା ଓ ବିଶ୍ୱସ୍ତତାର ଚଳନ୍ତ୍ ଆକୃତିଗତ ସାହାବାମାନଙ୍କ ବ୍ୟକ୍ତିତ୍ୱ ହ. ଅବୁ ଲୁବାବା ବିନ୍ ଅବ୍‌ଦୁଲ୍ ମୁନ୍‌ଜର୍ ର.ଅ, ହ. ଅବୁ ଜୈୟାହ୍ ବିନ୍ ସାବିତ୍ ବିନ୍ ନୁମାନ୍ ର.ଅ, ହ. ଅନ୍‌ସା ମୌଲା ରସୁଲୁଲ୍ଲାଃ ସ.ଅ, ହ.ଅବୁ ମର୍ସଦ ବିନ୍ ଅବି ମର୍ସଦ୍ ର.ଅ ।**

**ହ. ଅବୁ ମର୍ସଦ୍ କନାଜ୍ ର.ଅ, ହ. ସୁଲୈତ୍ ବିନ୍ କୈସ୍ ବିନ୍ ଉମର୍ ର.ଅ, ହ. ମୁଜଯଜ୍ଜର ବିନ୍ ଜିୟାଦ୍ ର.ଅ, ହ. ରିଫାଅ ବିନ୍ ରାଫେ ବିନ୍ ମାଲିକ୍ ବିନ ଉଜଲାନ୍ ର.ଅ, ହ. ଅବୁ ଉସୈଦ୍ ବିନ୍ ମାଲିକ୍ ରବିୟାହ୍ ର.ଅ, ହ. ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ ଅସଦ ର.ଅ, ହ. ଖଲ୍ଲାଦ୍ ବିନ୍ ରାଫେ ର.ଅ, ହ. ଉବବାଦ୍ ବିନ୍ ବଶର୍ ର.ଅ ଓ ହ. ହାତିବ୍ ବିନ୍ ଉବୈ ବିନ୍ ବଲ୍‌ତାଅ ର.ଅଙ୍କ ଜୀବନୀର କେତେକ ପକ୍ଷର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା**

**27 Jan 2023 ମସିହା ଅନୁଯାୟୀ ୨୭ ସୁଲହ୍ /୧୪୦୨ସ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ଆଜି ସାହାବାମାନଙ୍କର ଜୀବନୀ ଚର୍ଚ୍ଚା କ୍ରମରେ ଯେଉଁ ସାହାବାମାନଙ୍କର ଜୀବନୀ ଚର୍ଚ୍ଚା କରିବି ତନ୍ମଧ୍ୟରେ **ପ୍ରଥମ** ସାହାବି ହେଲେ ହ. ଅବୁ ଲବାବା ବିନ୍ ଅବ୍‌ଦୁଲ୍ ମୁନ୍‌ଜର ର.ଅ । ତାଙ୍କ ସଂକ୍ରାନ୍ତରେ ଅନ୍ୟ କେତେକ ବର୍ଣ୍ଣନା ରହିଛି। ତାହାକୁ ମୁଁ ଉପସ୍ଥାପିତ କରି ଦେଉଛି । ଏହାର ବବରଣୀ ପୂର୍ବେ ମଧ୍ୟ ଆଲୋଚନା ହୋଇ ସାରିଛି ।

ଅଲ୍ଲାମା ଇବ୍‌ନେ ଅବ୍‌ଦୁଲ୍ ବର୍ ନିଜର ପୁସ୍ତକ ତସ୍‌ନିଫୁଲ୍ ଇସ୍ତିଆବ୍‌ରେ ଉଲ୍ଲେଖ କରନ୍ତି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ର.ଅ ପବିତ୍ର କୁରଆନ୍ ମଜିଦ୍‌ର ଆୟତ୍ وَاٰخَرُوْنَ اعْتَرَفُوْا بِذُنُوْبِهِمْ خَلَطُوْا عَمَلًا صَالِحًا وَّاٰخَرَ سَيِّئًا **(ଅତ୍ ତୌବା: 102)** । ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜର ପାପକୁ ସ୍ୱୀକାର କରିଛନ୍ତି । ସେମାନେ ଉତ୍ତମ କାର୍ଯ୍ୟ ସହିତ କୁକାର୍ଯ୍ୟଗୁଡ଼ିକୁ ମିଶ୍ରିତ କରିଛନ୍ତି ସମ୍ଭବତଃ ଅଲ୍ଲାଃ ସେମାନଙ୍କୁ ଦୟା ପ୍ରଦର୍ଶନ କରିବେ । ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ । ତତ୍‌ସଂକ୍ରାନ୍ତରେ ଅଲ୍ଲାମା ଇବ୍‌ନେ ଅବ୍‌ଦୁଲ୍ ବର୍ କୁହନ୍ତି ଯେ, ଉକ୍ତ ଆୟତ୍‌ଟି ଅବୁ ଲୁବାବା ର.ଅ ଓ ତାଙ୍କ ସହିତ ୭, ୮ ଜଣ ବ୍ୟକ୍ତିଙ୍କ ସଂପର୍କିତ ଅଟେ । ଯେକି ତବୁକ୍ ଯୁଦ୍ଧରେ ବହୁ ପଛରେ ରହିଯାଇଥିଲେ। ପରବର୍ତ୍ତୀ ସମୟରେ ଏମାନେ ପ୍ରଭୁଙ୍କ ନିକଟରେ ଶରଣାପନ୍ନ ହୋଇ କ୍ଷମା ପ୍ରାର୍ଥନା କରି ନିଜକୁ ସ୍ତମ୍ଭ ସହିତ ବାନ୍ଧି ନେଇଥିଲେ । ସେମାନଙ୍କର ସୁକର୍ମ, କ୍ଷମା ପ୍ରାର୍ଥନା ଥିଲା ଏବଂ କୁକର୍ମ, ଜିହାଦ୍‌ରୁ ପଛରେ ରହିଯିବା ଅର୍ଥାତ ବିରତ ରହିବା ଥିଲା ।

**(ଅଲ୍ ଇସ୍ତିଆବୁ ଫି ମାଆରିଫତୁଲ୍ ଅସ୍‌ହାବି, ଗ୍ରନ୍ଥ ଖଣ୍ଡ-4, ପୃ-1741, ଅବୁ ଲୁବାବା ବିନ୍ ଅବ୍‌ଦୁଲ୍ ମୁନ୍‌ଜର୍ ଦାରୁଲ୍ ଜୈଲି ବୈରୁତ୍)**

ମଜ୍‌ମା ବିନ୍ ଜାରିୟା ବର୍ଣ୍ଣନା କରନ୍ତି ଯେ, ହ. ଖନ୍‌ସା ବିନ୍ତ୍ ଖିଦାମ୍ ହ. ଉଐନିସ୍ ବିନ୍ କତାଦାଙ୍କୁ ବିବାହ କରିଥିଲେ । ଯେତବେଳେ ହ. ଉଐନିସ୍ ବିନ୍ କତାଦାହ୍ ବଦର୍ ଯୁଦ୍ଧ ଦିନ ବୀରଗତି ପ୍ରାପ୍ତ କଲେ ସେତେବେଳେ ହ. ଖନ୍‌ସା ବିନ୍ତ୍ ଖଦାମ୍‌ଙ୍କ ପିତାଶ୍ରୀ ମୁଜୈନା ସଂପ୍ରଦାୟର ଏକ ବ୍ୟକ୍ତି ସହିତ ତାଙ୍କର ବିବାହ କରାଇଦେଲେ ଯାହାକୁ ସେ ନାପସନ୍ଦ କରୁଥିଲେ । ଏହାପରେ ଯେତେବେଳେ ସେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆଁହଜରତ ସ.ଅ ତାଙ୍କର ନିକାହ୍‌କୁ ଫସ୍‌ଖ୍ ଅର୍ଥାତ ବିବାହ ବିଚ୍ଛେଦ କରିଦେଲେ । ଏହାପରେ ହ. ଅବୁ ଲବାବା ର.ଅ ତାଙ୍କୁ ବିବାହ କଲେ । ହ. ଅବୁ ଲବାବାଙ୍କୁ ଖନ୍‌ସାଙ୍କ ଗର୍ଭରୁ ହ. ସାଏବ୍ ବିନ୍ ଅବୁ ଲୁବାବା ନାମକ ଏକ ସନ୍ତାନ ପ୍ରାପ୍ତ ହୋଇଥିଲା । **(ମଆରିଫତୁସ୍ ସାହାବତୁଲ୍ ଲିଅବି ନଇମ୍, ଭାଗ-1, ପୃ-250, ଉଐନସ୍ ବିନ୍ କତାଦା ର.ଅ, ଦାରୁଲ୍ ୱତନ୍ ଲିଲ୍‌ବଶର୍)**

ଅବ୍‌ଦୁଲ୍ ଜବବାର୍ ବିନ୍ ୱର୍ଦ୍ ବର୍ଣ୍ଣନା କରନ୍ତି ଯେ, ମୁଁ ଇବନେ ଅବି ମୁଲୈକାଙ୍କ ଠାରୁ ଶୁଣିଲି, ସେ କହୁଥିଲେ ଯେ, ଅବ୍‌ଦୁଲ୍ଲାଃ ବିନ୍ ଅବି ୟଜିଦ୍ କୁହନ୍ତି, ହ. ଅବୁ ଲବାବା ର.ଅ ଆମମାନଙ୍କ ନିକଟରୁ ଅତିକ୍ରମ କଲେ ଆମେମାନେ ତାଙ୍କ ସହିତ ଥିଲୁ । ଏପର୍ଯ୍ୟନ୍ତ କି ସେମାନେ ଯେତେବେଳେ ହ. ଲୁବାବା ର.ଅଙ୍କ ସହିତ ତାଙ୍କ ଘରକୁ ଗଲୁ ସେତେବେଳେ ସେଠାରେ ଜଣେ ବ୍ୟକ୍ତି ପୁରୁଣା ଛିଣ୍ଡା ବସ୍ତ୍ରରେ ବସିଥିଲା । ଉକ୍ତ ବ୍ୟକ୍ତି ଜଣକ କହିଲା, ମୁଁ ଆଁହଜରତ ସ.ଅଙ୍କ ଠାରୁ ଏହା ଶୁଣିଛି ଯେ, ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌କୁ ସୁନ୍ଦର କଣ୍ଠରେ ପଢେ ନାହିଁ, ସେ ଆମମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ ।

**(ସୁନନ୍ ଅବି ଦାଉଦ୍, କିତାବୁଲ୍ ୱତ୍‌ର, ବାବୁ ଇସ୍ତିହିବ୍‌ବିଲ୍ ଅତ୍‌ତର୍ତିଲି ଫିଲ୍ କିରଅତି, ହଦିସ୍ ନଂ-1471)**

ପୁନଶ୍ଚ **ଦ୍ୱିତୀୟ** ସାହାବିଙ୍କର ଚର୍ଚ୍ଚା ରହିଛି । ଦ୍ୱିତୀୟ ସାହାବି ହେଲେ ହ. ଅବୁଜ୍ ଜିୟାହ୍ ବିନ୍ ସାବିତ୍ ବିନ୍ ନୁମାନ୍ ର.ଅ । ଏକ ବର୍ଣ୍ଣନାନୁଯାୟୀ ବଦର୍ ଯୁଦ୍ଧରେ ତାଙ୍କ ଗୋଇଠିରେ ପଥରର ତୀକ୍ଷ୍ଣ ମୁନର ଆଘାତ ଲାଗିବା ଫଳରେ ଯୁଦ୍ଧ ଭୂମିରୁ ସେ ଫେରି ଆସିଥିଲେ । ବସ୍ତୁତଃ ବିଜିତ ଧନ ସମ୍ପତ୍ତିରୁ ଆଁହଜରତ ସ.ଅ ତାଙ୍କର ଏକ ଅଂଶ ସାଇତି ରଖିଥିଲେ । **(ଅଲ୍ ବଦାୟତୁ ୱନ୍ ନହାଇୟାହ୍, ଭାଗ-5, ପୃ-252, କିତାବୁଲ୍ ମୁଗାଜି ଫସ୍‌ଲୁ ଗଜ୍‌ୱା ବଦ୍‌ରୁଲ୍ ଉଜ୍‌ମା ଦାରୁଲ୍ ହିଜ୍‌ରି ବୈରୁତ୍-1997 ମସିହା)**

**ତୃତୀୟ** ସାହାବି ହେଲେ ହ. ଅନ୍‌ସା ମୌଲା ରସୁଲୁଲ୍ଲାଃ ସ.ଅ । ହ. ଅନ୍‌ସା ର.ଅଙ୍କ ଗୋତ୍ର ଅବୁ ମସ୍‌ରୁହ୍ ଓ ଆଉ କେତେକଙ୍କ ନିକଟରେ ତାଙ୍କର ଗୋତ୍ର ଅବୁ ମିସ୍ରାହ୍ ବୋଲି ବର୍ଣ୍ଣିତ ହୋଇଛି । **(ଅଲ୍ ଇସାବତୁ ଫି ତମିଜିସ୍ ସାହାବାତା, ଭାଗ-1, ପୃ-283, ଅନସା ମୌଲନ୍ ନବୀ ସ.ଅ, ଦାରୁଲ୍ କୁତୁବୁଲ୍ ଇଲମିୟା ବୈରୁତ୍, ଲେବନାନ୍, 1995 ମସିହା)**

ହ. ଅନ୍‌ସା ସରାରାହ୍ ଠାରେ ଜନ୍ମ ଗ୍ରହଣ କରିଥିଲେ । ସରାରାହ୍ ୟମନ୍ ଓ ହବ୍‌ଶା ନିକଟବର୍ତ୍ତୀ ଏକ ସ୍ଥାନର ନାମ ଅଟ । **(ଉସ୍‌ଦୁଲ୍ ଗାବା, ଫି ମାଆରଫତୁସ୍ ସାହାବା, ଭାଗ-1, ପୃ-301, ଅନ୍‌ସା ର.ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବୈରୁତ୍ ଲେବ୍‌ନାନ୍) (ରୋଶନ ସିତାରେ, ଭାଗ-1, ପୃ-145)**

ଅନ୍‌ସା ର.ଅଙ୍କ ପ୍ରବାସ ସଂପର୍କରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ଆପଣ ର.ଅ ମଦିନା ଅଭିମୁଖେ ପ୍ରବାସ କଲେ ସେତେବେଳେ ଆପଣ ସ.ଅ ହ. କୁଲ୍‌ସୁମ୍ ବିନ୍ ହିଜମ୍‌ଙ୍କ ଘରେ ରହିଥିଲେ । ଅପରପକ୍ଷେ ବର୍ଣ୍ଣନାନୁଯାୟୀ ଆପଣ ହ. ସାଆଦ୍ ବିନ୍ ଖୈସ୍‌ମାଙ୍କ ଘରେ ରହିଥିଲେ । **(ଅତ୍ ତବ୍‌କାତୁଲ୍ କୁବ୍ରା**

**ଲିଇବ୍‌ନି ସାଆଦ୍, ଭାଗ-3, ପୃ-35, ଅନ୍‌ସା ମୌଲା ରସୁଲୁଲ୍ଲାଃ ସ.ଅ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ଲେବ୍‌ନାନ୍, 1990 ମସିହା)**

ଇମାମ୍ ଜୁହ୍‌ରୀ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଜୋହୋର୍ ନମାଜ୍ ପରେ ସାକ୍ଷାତ୍‌କାରୀ ଲୋକମାନଙ୍କୁ ସାକ୍ଷାତ୍ କରିବା ପାଇଁ ଅନୁମତି ପ୍ରଦାନ କରୁଥିଲେ ଏବଂ ଆଁହଜରତ ସ.ଅଙ୍କ ଠାରୁ ଏହି ଅନୁମତି ହ. ଅନ୍‌ସା ର.ଅ ପ୍ରାପ୍ତ କରୁଥିଲେ । ସାକ୍ଷାତକାରୀମାନଙ୍କୁ ସୂଚନା ଦେବାର କାର୍ଯ୍ୟ ଆପଣ ର.ଅଙ୍କ କାର୍ଯ୍ୟ ଥିଲା । **(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-3, ପୃ-36 ଅନ୍‌ସା ମୌଲା ରସୁଲୁଲ୍ଲାଃ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ଲେବ୍‌ନାନ୍, 1990 ମସିହା)**

ଚତୁର୍ଥ ସାହାବି ହେଲେ ହ. ମର୍ସଦ୍ ବିନ୍ ଅବି ମର୍ସଦ୍ । ଇମ୍ରାନ୍ ବିନ୍ ମନାହ୍ କୁହନ୍ତି, ଯେତେବେଳେ ଅବୁ ମର୍ସଦ୍ ଓ ତାଙ୍କର ସୁପୁତ୍ର ମର୍ସଦ୍ ବିନ୍ ଅବି ମର୍ସଦ୍ ମଦିନା ଅଭିମୁଖେ ପ୍ରବାସ କଲେ ସେତେବେଳେ ଆପଣ ର.ଅ ଦୁହେଁ ହ. କୁଲ୍‌ସୁମ୍ ବିନ୍ ହିଦମ୍ ର.ଅଙ୍କ ଘରେ ରହିଥିଲେ । ମୁହମ୍ମଦ୍ ବିନ୍ ଉମର୍ କୁହନ୍ତି ଯେ, ଆପଣ ର.ଅ ଓହୋଦ୍ ଯୁଦ୍ଧରେ ସାମିଲ୍ ହେଲେ ଓ ସରିୟା ରଜି ଦିନ ମଧ୍ୟ ସାମିଲ ହୋଇ ବୀରଗତି ପ୍ରାପ୍ତ କଲେ ।

**(ଅତ୍ ତବ୍‌କାତୁଲ୍ କୁବ୍ରା ଲଇବ୍‌ନି ସାଆଦ୍, ଭାଗ-3, ପୃ-35, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-2017)**

ହ. ଅବୁ ମର୍ସଦଙ୍କ ଏକ ପୁତ୍ର ଉନୈସ୍ ବିନ୍ ଅବି ମର୍ସଦ୍ ଅଲ୍‌ଗଣ୍ଵୀଙ୍କ ଚର୍ଚ୍ଚା ମଧ୍ୟ ରହିଛି । ତାଙ୍କୁ ଅନସ୍ ମଧ୍ୟ କୁହଯାଉଥିଲା । କିନ୍ତୁ ଉନୈସ୍‌ଙ୍କ ସହିତ ତାହଙ୍କ ନାମ ମିଶି ଯାଉଥିଲା । ଆପଣ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସହିତ ମକ୍କା ବିଜୟ ଓ ହୁନୈନ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ।

**(ଉସ୍‌ଦୁଲ୍ ଗାବା, ଭାଗ-1, ପୃ-306, ଉନୈସ୍ ବିନ୍ ମର୍ସଦ୍, ଦାରୁଲୁ କୁତୁବୁଲ୍ ଇଲମିୟାହ୍)**

ଇବ୍‌ନେ ହଜର ହ. ମର୍ସଦଙ୍କ ଶାହାଦତ୍ ସିଫର୍ 4 ହିଜରୀ ବୋଲି ଦର୍ଶାଇଛନ୍ତି । **(ତହଜିବୁତ୍ ତେହଜିବ୍, ଭାଗ-6, ପୃ-642, ମର୍ସଦ୍ ବିନ୍ ମର୍ସଦ୍, ଦାରୁଲ୍ ହଦିସ୍ କାହିରା, 2010 ମସିହା)**

**ପଞ୍ଚମ** ସାହାବି ହେଲେ ହ. ଅବୁ ମର୍ସଦ୍ କନାଜ୍ ବିନ୍ ଅଲ୍ ହୁସୈନ୍ ଅଲ୍ ଗନଓ୍ଵୀ ର.ଅ । ତାଙ୍କ ନାମ କନାଜ୍ ଥିଲା । ପିତା ହୁସୈନ୍ ବିନ୍ ୟର୍ବୁ ଥିଲା । ଆପଣ ର.ଅଙ୍କ ନାମ ସଂକ୍ରାନ୍ତରେ ମତାନ୍ତର ଦେଖିବାକୁ ମିଳେ । କେତେକଙ୍କ ନିକଟରେ ଆପଣଙ୍କ ନାମ କନାଜ୍ ବିନ୍ନ ହୁସୈନ୍ ଥିବା ବେଳେ ଆଉ କେତେକ ନିକଟରେ ହୁସୈନ୍ ବିନ୍ କନାଜ୍ ଥିଲା । ସେହିପରି ତାଙ୍କ ସଂପର୍କରେ ଏହା ମଧ୍ୟ କୁହାଯାଏ ଯେ, ଆପଣଙ୍କ ନାମ ଐମନ୍ ମଧ୍ୟ ଥିଲା । କିନ୍ତୁ ଆପଣ କନାଜ୍ ବିନ୍ ହୁସୈନ୍ ନାମରେ ଖ୍ୟାତ ଥିଲେ ।

**(ଇଲ୍ ଇସାବତୁ ଫି ତମିଜିସ୍ ସାହାବତା ଲିଇବ୍‌ନି ହଜର୍ ଅସ୍‌କଲାନୀ, ବାବୁଲ୍ କନା, ଅବୁ ମର୍ସଦ୍ ଅଲ୍ ଗନଓ୍ଵୀ, ଭାଗ-7, ପୃ-305, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ହ. ଅବୁ ମର୍ସଦ୍ ଓ ହ. ଅବୁ ହମ୍‌ଜା ର.ଅ ଉଭୟେ ସମବୟସ୍କ ଥିଲେ ଏବଂ ମିତ୍ର ମଧ୍ୟ ଥିଲେ । ଆପଣ ର.ଅ ଉଚ୍ଚତା ସମ୍ପନ୍ନ ବ୍ୟକ୍ତି ଥିଲେ ଓ ଆପଣ ର.ଅଙ୍କ କେଶ ଘଞ୍ଚ ଥିଲା ।

**(ଅତତବକାତୁଲ୍ କୁବ୍ରା, ଭାଗ-3, ପୃ-34, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ହ. ଅବୁ ମର୍ସଦ୍ ଓ ତାଙ୍କର ସୁପୁତ୍ର ହ. ମର୍ସଦ୍ ଉଭୟଙ୍କୁ ବଦର୍ ଯୁଦ୍ଧରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଲାଭ ହୋଇଥିଲା । ଆପଣ ର.ଅଙ୍କ ସୁପୁତ୍ର ହ. ମର୍ସଦ୍ ରଜିଇ ଘଟଣାରେ ବୀରଗତି ପ୍ରାପ୍ତ କରିଥିଲେ ।

**(ଉସ୍‌ଦୁଲ୍ ଗାବା ଫି ମାଆରିଫତୁସ୍ ସାହାବା ଲଇବ୍‌ନି ଅସିର୍, ଭାଗ-6, ପୃ-276-277, ଅବି ମର୍ସଦ୍ ଅଲ୍ ଗନଓ୍ଵୀ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ହ. ଅବୁ ମର୍ସଦଙ୍କ ଏକ ପୌତ୍ର ହ. ଉନୈସ୍ ବିନ୍ ମର୍ସଦ୍ ମଧ୍ୟ ନବୀ କରୀମ୍ ସ.ଅଙ୍କ ସାହାବି ଥିଲେ । ସେ ମକ୍କା ବିଜୟ ଓ ହୁନୈନ ଯୁଦ୍ଧରେ ନବୀ କରୀମ୍ ସ.ଅଙ୍କ ସହିତ ଥିଲେ । **(ଉସ୍‌ଦୁଲ୍ ଗାବା ଫି ମାଆରିଫତୁସ୍ ସାହାବା ଲିଇବ୍‌ନି ଅସିର୍, ଭାଗ-1, ପୃ-306, ଉନୈସ୍ ବିନ୍ ମର୍ସଦ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରବିଉଲ୍ ଅଓ୍ଵଲ୍ ମାସ ଦୁଇ ହିଜ୍‌ରୀରେ ଆଁହଜରତ ସ.ଅ 30 ଜଣ ଓଟପକ୍ଷୀ ଆରୋହୀ ପ୍ରବାସକାରୀଙ୍କ ଏକ ସୈନ୍ୟ ଟୁକୁଡ଼ି ନିଜର ଚଚା ହ. ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍‌ଙ୍କ ନେତୃତ୍ୱରେ ମଦିନାରୁ ପୂର୍ବ ଦିଗ ଅଭିମୁଖେ ସୈଫୁଲ୍ ବହର୍ ଅଞ୍ଚଳ ଇସ୍ ଆଡ଼କୁ ପ୍ରେରଣ କଲେ । ହ. ହମ୍‌ଜା ର.ଅ ଓ ତାଙ୍କର ସାଥିମାନେ ଶୀଘ୍ର ଶୀଘ୍ର ସେଠାରେ ଯେତେବେଳେ ପହଞ୍ଚିଲେ ତ' ସେତେବେଳେ ସେମାନେ ଏହା ଦେଖିଲେ ଯେ, ମକ୍କାର ମହା ଅଧିପତି ଅବୁ ଜହଲ୍ ତିନି ଶହ ଆରୋହୀଙ୍କ ସୈନ୍ୟ ଦଳ ନେଇ ସେମାନଙ୍କୁ ସ୍ୱାଗତ କରିବା ନିମନ୍ତେ ଉପସ୍ଥିତ ରହିଛି । ଉଭୟ ସୈନ୍ୟଦଳ ପରସ୍ପରର ମୁକାବିଲା କରିବା ନିମନ୍ତେ ଧାଡ଼ି ବାନ୍ଧିବାକୁ ଲାଗିଲେ ଓ ଯୁଦ୍ଧ ଆରମ୍ଭ ହେବାକୁ ଥିଲା କି ସେହି ଅଞ୍ଚଳର ଅଧିପତି ମଜ୍‌ଦି ବିନ୍ ଅମୁଲ୍ ଜୁହନୀ ଯେକି ଉଭୟ ଗୋଷ୍ଠୀଙ୍କ ସହିତ ସଂପର୍କ ରଖୁଥିଲା ସେ ମଧ୍ୟସ୍ଥିତା କରାଇ ବୁଝାମଣା କରାଇଲା। ଫଳତଃ ଯୁଦ୍ଧ ହେଉ ହେଉ ଟଳିଗଲା । ଉକ୍ତ ଅଭିଯାନଟି ସରିୟା ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍‌ଙ୍କ ନାମରେ ଖ୍ୟାତ ଅଟେ । **(ସିରତ୍ ଖାତମୁନ୍ ନବିୟୀନରୁ ଆନୀତ, ଲେଖକ-ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-329)**

ଆଁହଜରତ ସ.ଅ ସର୍ବ ପ୍ରଥମ ଧ୍ୱଜା ହ. ହମ୍‌ଜା ର.ଅଙ୍କୁ ବାନ୍ଧି ଥିଲେ ଓ ଉକ୍ତ ଯୁଦ୍ଧରେ ହ. ହମ୍‌ଜା ର.ଅଙ୍କ ଏହି ଧ୍ୱଜା ହ. ଅବୁ ମର୍ସଦ୍ ର.ଅ ଧରିଥିଲେ ।

**(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-2, ପୃ-3-4, ପ୍ରକାଶନ ସ୍ଥାନ- ଦାରୁଲୁ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

**ଷଷ୍ଠ** ସାହାବି ହେଲେ ହ. ସୁଲୈତ୍ ବିନ୍ କୈସ୍ ବିନ୍ ଉମ୍ରୋ ର.ଅ । ହ. ସୁଲୈତ୍ ବିନ୍ କୈସ୍ ବିନ୍ ଉମ୍ରୋ ର.ଅଙ୍କ ସଂପର୍କ ଅନ୍‌ସାର୍ ସଂପ୍ରଦାୟର ଖଜ୍‌ରଜ୍ ଶାଖା ବନୁ ଅଦି ବିନ୍ ନଜ୍ଜାର ସହିତ ଥିଲା ।

**(ଉସ୍‌ଦୁଲ୍ ଗାବା, ଫି ମାଆରିଫତୁସ୍ ସାହାବା, ଭାଗ-2, ପୃ-538, ସୁଲୈତ୍ ବିନ୍ କୈସ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ଲେବ୍‌ନାନ୍)**

ହ. ସୁଲୈତ୍ ର.ଅଙ୍କ ମାତାଙ୍କ ନାମ ହ. ଜଗିବା ବିନ୍ତ୍ ଜୁରାରାହ୍ ଥିଲା । ସେ ଅସ୍‌ଅଦ୍ ବିନ୍ ଜୁରାରହଙ୍କ ଭଉଣୀ ଥିଲେ ।

**(ଅତ୍ ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-3, ପୃ-388, ସୁଲୈତ୍ ବିନ୍ କୈସ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ଲେବ୍‌ନାନ୍, 1990 ମସିହା)**

ଏନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଖାଲିଦ୍ ବିନ୍ ଓ୍ଵଲିଦ୍ ର.ଅଙ୍କ ଭାଇ ଓ୍ଵଲିଦ୍ ବିନ୍ ଓ୍ଵଲିଦ୍ ବଦର୍ ଯୁଦ୍ଧ ଅବସରରେ ହ. ସୁଲୈତ୍ ବିନ୍ କୈସ୍ ର.ଅଙ୍କୁ ବନ୍ଦୀ କରିଥିଲେ । **(ଇମ୍‌ତାଅଲ୍ ଅସ୍‌ମା, ଭାଗ-6, ପୃ-248, ଅଉଲାଦୁଲ୍ ଉମ୍ମେ ସଲ୍‌ମା, ଦାରୁଲୁ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ଲେବ୍‌ନାନ୍ 1999 ମସିହା)**

ମକ୍କା ବିଜୟ ଅନ୍‌ସାର୍‌ର ବନୁ ମାଜିନ୍ ସଂପ୍ରଦାୟର ଧ୍ୱଜା ହ. ସୁଲୈତ୍ ବିନ୍ କୈସ୍ ର.ଅଙ୍କ ନିକଟରେ ରହିଥିଲା ।

**(ଇମ୍‌ତାଅଲ୍ ଅସ୍‌ମା, ଭାଗ-6, ପୃ-248, ୱ ଇନ୍ନା ଲିଲ୍ ୱାଆତି ୱର୍ ରୁୟା, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ଲେବ୍‌ନାନ୍ 1999)**

ସେହିପରି ହୁନୈନ୍ ଯୁଦ୍ଧ ଅବସରରେ ବନୁ ମାଜିନ୍ ସଂପ୍ରଦାୟର ଧ୍ୱଜା ହ. ସୁଲୈତ୍ ବିନ୍ କୈସ୍ ର.ଅଙ୍କ ନିକଟରେ ରହିଥିଲା ।

**(କିତାବୁଲ୍ ମୁଗାଜି, ଭାଗ-3, ପୃ-896, ଗଜ୍‌ଓ୍ଵା ହୁନୈନ୍, ମକ୍‌ତବତା ଆଲିମୁଲ୍ କୁତୁବ୍)**

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ୟୁସର୍ ଯୁଦ୍ଧ ସଂପର୍କରେ କେତେକ ଇତିହାସବିତ୍ ୧୩ ହିଜ୍‌ରୀରେ ଲଢ଼ା ଯାଇଥିବାର ମତ ପ୍ରକାଶ କରୁଥିବା ବେଳେ ଆଉ କେତେକ ଇତିହାସବିତ୍‌ମାନେ ୧୪ ହିଜ୍‌ରୀ ବୋଲି ମତ ପ୍ରକାଶ କରନ୍ତି ଏବଂ ଏହା କୁହନ୍ତି ଯେ, ଏହି ଦୁଇ ତାରିଖ ମଧ୍ୟରୁ ଗୋଟିଏ ତାରିଖର ପ୍ରାରମ୍ଭରେ ହ. ଉମର୍ ର.ଙ୍କ ଖିଲାଫତ୍ କାଳରେ ମୁସଲମାନ ଓ ଫାର୍ସିମାନଙ୍କ ମଧ୍ୟରେ ବର୍ତ୍ତମାନର ଇରାକ୍ ଅଞ୍ଚଳରେ ୟୁସର ଯୁଦ୍ଧ ଘଟିଥିଲା । ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କର ସେନାପତି ହ. ଅବୁ ଉବୈଦାହ୍ ବିନ୍ ମସ୍‌ଉଦ୍ ସକ୍‌ଫି ର.ଅ ଥିଲେ । ତେଣୁ ଉକ୍ତ ଯୁଦ୍ଧକୁ ୟୁସ୍‌ରାଇ ଉବୈଦ୍ ମଧ୍ୟ କୁହାଯାଏ । ସେହିପରି ଉକ୍ତ ଯୁଦ୍ଧର ଆହୁରି ଅନେକ ନାମ ରହିଛି ଯଥା - ମରୱାହ୍ ଯୁଦ୍ଧ ଯାହାକି ଫୁରାତ୍ ନଦୀର ପଶ୍ଚିମ ତଟରେ ଅବସ୍ଥିତ କୁଫା ନିକଟବର୍ତ୍ତୀ ଏକ ସ୍ଥାନର ନାମ ଅଟେ । ସେହିଠାରେ ଉକ୍ତ ଯୁଦ୍ଧ ସଂଘଟିତ ହୋଇଥିଲା । ଉକ୍ତ ଯୁଦ୍ଧରେ ଦୁଇ ହଜାର ଇରାନୀୟ ସୈନ୍ୟ ରଣ କ୍ଷେତ୍ରରେ ନିହତ ହୋଇଥିବାବେଳେ ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ଉକ୍ତ ଯୁଦ୍ଧରେ ୬ ହଜାର ସୈନ୍ୟବାହିନୀ ମୃତାହତ ହୋଇଥିଲେ । ଏହିପରି ଅନ୍ୟ କେତେକ ଲୋକଙ୍କ ତଥା ଇତିହାସବିତ୍‌ଙ୍କ ମତାନୁଯାୟୀ ଉକ୍ତ ଯୁଦ୍ଧରେ ୧୮୦୦ କିମ୍ବା ୪୦୦୦ ମୁସଲମାନ ସୈନ୍ୟ ବୀରଗତି ପ୍ରାପ୍ତ କରିଥିଲେ । ତନ୍ମଧ୍ୟମରେ 17 ଜଣ ଅନସାର ଓ 22 ଜଣ ପ୍ରବାସକାରୀ ମଧ୍ୟ ସାମିଲ୍ ଥିଲେ । ସେହି ବୀରଗତି ପ୍ରାପ୍ତକାରୀଙ୍କ ମଧ୍ୟରେ ହ. ସୁଲୈତ୍ ବିନ୍ କୈସ୍ ର.ଅ ମଧ୍ୟ ସାମିଲ୍ ଥିଲେ। ସେହିପରି ଅନ୍ୟ କେତେକଙ୍କ ମତରେ ଉକ୍ତ ଯୁଦ୍ଧରେ ସର୍ବ ଶେଷରେ ହ. ସୁଲୈତ୍ ବିନ୍ କୈସ୍ ଶହୀଦ୍ ହୋଇଥିଲେ ।

**(ଇଜାଲା ଇକ୍‌ତିଫାରୁ ବିମା ମିନ୍ ମୁଗାଜି ରସୁଲୁଲ୍ଲାଃ ସ.ଅ ୱସ୍ ସଲାସତୁଲ୍ ଖୁଲଫାରୁ ଆନୀତ, ଭାଗ-2, ଗ୍ରନ୍ଥଖଣ୍ଡ-2, ପୃ- 124-129, ଆଲିମୁଲ୍ କୁତୁବ୍ ବୈରୁତ୍)(ଅଲ୍‌ବଦାୟତୁ ୱନ୍ ନହାଇୟତୁ ଲଇବ୍‌ନି କସିର୍, ଭାଗ-4, ପୃ-46, ମକ୍‌ତବତୁଲ୍ ମୁଆରିଫ୍, ବୈରୁତ୍ରୁ ଆନୀତ)(ଅଜ୍ ଇଟଲସ୍ ଫୁତୁହାତେ ଇସ୍‌ଲାମିୟା, ଲେଖକ-ଅହେମଦ ଆଦିଲ୍ କମାଲ୍, ଭାଗ-2, ପୃ-90, ୟୁସର ଯୁଦ୍ଧ, ମକ୍‌ତବା ଦାରୁଲ୍ ଇସ୍‌ଲାମ୍)(ଅଲ୍‌ବଦାୟତୁ ୱନ୍ ନହାଇୟତୁ ଲିଇବ୍‌ନି କସିର୍, ଭାଗ-9, ପୃ-594, ପ୍ରକାଶନ ସ୍ଥାନ-ଦାରେ ହିଜର ବୈରୁତ୍)(ମୁଅଜିମୁଲ୍ ବଲ୍‌ଦାନ୍, ଭାଗ-4, ପୃ-349, ଦାରୁସ୍ ସାଦିର୍, ବୈରୁତ୍, ଲେବ୍‌ନାନ୍)(ସେରେ ଆଲାମ୍ ଅନ୍ ନବ୍‌ଲାଇ ସେରୁଲ୍ ଖୁଲଫାଏ ରାଶିଦିନା, ପ-100, ପ୍ରକାଶନ ସ୍ଥାନ-ମୁଅସ୍ସତୁର୍ ରିସାଲା, ବୈରୁତ୍-1996 ମସିହା)**

କେତେକ ଇତିହାସବିତ୍‌ଙ୍କ ମତରେ ଆପଣଙ୍କ ବଂଶ ପରମ୍ପରା ଆଗକୁ ବଢି ପାରି ନଥିଲା । ଅପର ପକ୍ଷେ ଅନ୍ୟ କେତେକ ଇତିହାସବିତ୍‌ଙ୍କ ମତରେ ଆପଣ ର.ଅଙ୍କ ସୁପୁତ୍ରଙ୍କ ନାମ ଅବ୍‌ଦୁଲ୍ଲାଃ ବିନ୍ ସୁଲୈତ୍ ଥିଲା ଯେକି ଆପଣଙ୍କ ଠାରୁ ଏକ ବର୍ଣ୍ଣନା କରିଛନ୍ତି । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ସୁଲୈତ୍‌ଙ୍କ ଏକ କନ୍ୟା ସନ୍ତାନ ଥିଲା ଯାହାର ନାମ ସୁବୈତା ଥିଲା । ସୁବୈତା ସୁଖୈଲା ବିନତ୍ ସିମା ର.ଅଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ । ଉସ୍‌ଦୁଲ୍ ଗାବାର ଲେଖକ ଉଲ୍ଲେଖ କରନ୍ତି ଯେ, ଆପଣ ର.ଅଙ୍କ ବଂଶ ପରମ୍ପରା ଆଗକୁ ବୃଦ୍ଧି ପାଇପାରି ନଥିଲା ।

ଅବ୍‌ଦୁଲ୍ଲାଃ ବିନ୍ ସୁଲୈତ୍ ବିନ୍ କୈସ୍ ନିଜର ପିତା ହ. ସୁଲୈତ୍ ବିନ୍ କୈସ୍ ର.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଅନ୍‌ସାର ମଧ୍ୟରୁ ଜଣେ ବ୍ୟକ୍ତିର ଏକ ଉଦ୍ୟାନ ରହିଥିଲା ଯହିଁରେ ଅନ୍ୟ ଅନସାରୀ ବ୍ୟକ୍ତିର କିଛି ଖଜୁରୀ ବୃକ୍ଷ ରହିଥିଲା ଓ ସେହି ବ୍ୟକ୍ତି ସକାଳେ ଓ ସନ୍ଧ୍ୟା ସମୟରେ ଆସୁଥିଲା । ରସୁଲୁଲ୍ଲାଃ ସ.ଅ ତା'କୁ ଆଦେଶ ଦେଲେ ଯେ, ତା'ର ଖଜୁରୀ ବୃକ୍ଷ ମଧ୍ୟରୁ ଯେଉଁ ବୃକ୍ଷ ଉଦ୍ୟାନର କାନ୍ଥ ସହିତ ସଂଲଗ୍ନ ରହିଛି ସେହି ବୃକ୍ଷର ଖଜୁରୀ କୋଳି ଉକ୍ତ ଅନ୍‌ସାରୀ ବ୍ୟକ୍ତିକୁ ଦେଇ ଦିଅନ୍ତୁ ଯାହାର ଏହି ଉଦ୍ୟାନ ରହିଛି।

**(ଉସ୍‌ଦୁଲ୍ ଗାବା ଫି ମାଆରଫତୁସ୍ ସାହାବା, ଭାଗ-2, ପୃ-538, ସୁଲୈତ୍ ବିନ୍ କୈସ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ ଲେବ୍‌ନାନ୍)(ଅତ୍ ତବ୍‌କାତୁଲ୍ କୁବ୍ରା ଲଇବ୍‌ନି ସାଆଦ୍, ଭାଗ-3, ପୃ-384, ସୁଲୈତ୍ ବିନ୍ କୈସ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, ଲେବ୍‌ନାନ୍-1990 ମସିହା)**

ସପ୍ତମ ସାହାବି ଜଣକ ହେଲେ ହ. ମୁଜଜ୍ଜର୍ ର.ଅ । ମୁସା ବିନ୍ ଉକ୍‌ବା ବର୍ଣ୍ଣନା କରନ୍ତି ଯେ, ଲୋକମାନେ ଭାବନ୍ତି ଯେ, ଅବୁ ୟୁସର୍ ଅବୁ ବଖ୍‌ତରିଙ୍କୁ ହତ୍ୟା କରିଥିଲେ ଓ ଅନେକ ଲୋକମାନେ କହିଲେ ଯେ, ଅବୁ ବଖ୍‌ତରଙ୍କୁ ମୁଜଜ୍ଜର ର.ଅ ବଧ କରି ଦେଇଥିଲେ । ହ. ମୁଜଜ୍ଜର୍ ବିନ୍ ଜିୟାଦ୍ ର.ଅ ଅଶିକ୍ଷିତ ଯୁଗରେ ସୁୱୈଦ୍ ବିନ୍ ସାମିତ୍‌ଙ୍କୁ ହତ୍ୟା କରି ଦେଇଥିଲେ । ସେହି ବଧ ଯୋଗୁଁ ବୁଆସ୍ ଯୁଦ୍ଧର ସୂତ୍ରପାତ ହୋଇଥିଲା । ପରବର୍ତ୍ତୀ ସମୟରେ ହ. ମୁଜଜ୍ଜିର୍ ଓ ହ. ହାରିସ୍ ବିନ୍ ସୁୱୈଦ୍ ବିନ୍ ସାମିତ୍ ର.ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରି ନେଲେ। କିନ୍ତୁ ହ. ହାରିସ୍ ବିନ୍ ସୁୱୈଦ୍ ନିଜର ପିତାଙ୍କୁ ହତ୍ୟା କରିଥିବା ହତ୍ୟାକାରୀ (ହ. ମୁଜଜ୍ଜିର ର.ଅଙ୍କ)ର ସନ୍ଧାନରେ ସନ୍ଧାନରତ ଥିଲେ । ୱହୋଦ୍ ଯୁଦ୍ଧରେ ଯେତେବେଳେ କୁରୈଶ୍‌ମାନେ ମୁସଲମାନମାନଙ୍କ ଉପରେ ପାଲଟା ଆକ୍ରମଣ କଲେ ସେତେବେଳେ ହାରିସ୍ ବିନ୍ ସୁୱୈଦ୍ ପଛ ପଟୁ ହ. ମୁଜଜ୍ଜିର୍ ର.ଅଙ୍କ ସ୍କନ୍ଧଚ୍ୟୁତ କରି ତାଙ୍କୁ ଶହୀଦ୍ କରିଦେଲେ । ହମ୍ରାଉଲ୍ ଅସଦ୍ ଯୁଦ୍ଧରୁ ଫେରିବା ପରେ ହ. ଜିବ୍ରାଇଲ୍ ଅ.ସ ଆଁହଜରତ ସ.ଅହ୍ଙ୍କୁ କହିଲେ, ହାରିସ୍ ବିନ୍ ସୁୱୈଦ୍ ପଛ ପଟୁ ଛଳନାପୂର୍ବକ ହ. ମୁଜଜ୍ଜିର୍ ର.ଅଙ୍କ ଉପରେ ଆକ୍ରମଣ କରି ତାଙ୍କୁ ଶହୀଦ୍ କରିଦେଇଛି ଏବଂ ଆପଣ ସ.ଅଙ୍କୁ ହ. ଜିବ୍ରାଇଲ୍ ଅ.ସ ଏହି ଆଦେଶ ଦେଲେ, ଆପଣ ସ.ଅ ହାରିସ୍‌କୁ ହ. ମୁଜଜ୍ଜିର୍‌ଙ୍କ ପ୍ରତିଶୋଧ ସ୍ୱରୂପ ବଧ କରନ୍ତୁ। ରସୁଲୁଲ୍ଲାଃ ସ.ଅ ଏପରି ଦିନ ଯାତ୍ରା ପାଇଁ ବାହାରିଲେ ଯେତେବେଳେ କୁବା ଠାରେ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେଉଥିଲା । ଅତଏବ୍ ଆଁହଜରତ ସ.ଅଙ୍କ ଆଦେଶକ୍ରମେ ହ. ଉୱୈମ୍ ବିନ୍ ସାଆଦା ର.ଅ ମସ୍‌ଜିଦ୍ କୁବାର ଦ୍ୱାର ଠାରେ ହାରିସ୍ ବିନ୍ ସୁୱୈଦ୍‌କୁ ବଧ କରି ଦେଇଥିଲେ । ସମ୍ଭବତଃ ଉକ୍ତ ବର୍ଣ୍ଣନାଟି ତବ୍‌କାତୁଲ୍ କୁବ୍ରାର ଅଟେ । **(ଅତ୍ ତବକାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-3, ପୃ-283, ଅଲ୍ ମୁଜଜ୍ଜିର୍ ବିନ୍ ଜିୟାଦ୍, ଦାରୁଲ୍ ଅହ୍‌ୟାତୁ ତୁରାସା, ବୈରୁତ୍-1996 ମସିହା)(ଅଲ୍ ଇସାବା ଫି ତମିଜିସ୍ ସାହାବା, ଭାଗ-5, ପୃ-572-573, ଅଲ୍‌ମୁଜଜ୍ଜିର୍ ବିନ୍ ଜିୟାଦ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ ବୈରୁତ୍ 2005 ମସିହା) (ଇମ୍‌ତାଅଲ୍ ଅସ୍‌ମା, ଭାଗ-10, ପୃ-10, ଫସ୍‌ଲୁ ଫି ଜିକରି ମନ୍ କାନା ୟୁକିମୁଲ୍ ହୁଦୁଦା ବୈନା ୟଦୈ ରସୁଲୁଲ୍ଲାଃହି ସ.ଅ, ଦାରୁଲ୍ କୁତୁବୁଲ୍ ଇଲମିୟାହା, ବୈରୁତ୍-1999 ମସିହା)**

**ଅଷ୍ଟମ** ସାହାବି ହେଲେ ହ. ରିଫାଅ ବିନ୍ ରାଫେ ବିନ୍ ମାଲିକ୍ ବିନ୍ ଉଜ୍‌ଲାନୀ ର.ଅ । ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ରିଫାଅ ବିନ୍ ରାଫେଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ଘଟଣା ଏହିପରି ବର୍ଣ୍ଣିତ ହୋଇଛି ଯେ, ମୁଆଜ୍ ବିନ୍ ରିଫାଅ ନିଜର ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ ହ. ରିଫାଅ ବିନ୍ ରାଫେ ଓ ତାଙ୍କ ମାଉସୀ ପୁତ୍ର ଭାଇ ହ. ମୁଆଜ୍ ବିନ୍ ଇଫ୍ରା ର.ଅ ବାହାରିଲେ ଓ ମକ୍କାର ପବିତ୍ର ଭୂମିରେ ପହଞ୍ଚିଲେ । ଯେତେବେଳେ ଦୁହେଁ ସନିୟା ପର୍ବତରୁ ଅବତରଣ କଲେ ସେତେବେଳେ ସେମାନେ ଜଣେ ବ୍ୟକ୍ତିକୁ ବୃକ୍ଷ ତଳେ ବସିଥିବାର ଅବଲୋକନ କଲେ । ବର୍ଣ୍ଣନାକାରୀଙ୍କ ଅନୁଯାୟୀ ଏହି ଘଟଣା 6 ଜଣ ଅନ୍‌ସାରୀମାନଙ୍କ ବାହାରିବା ପୂର୍ବର ଘଟଣା ଅଟେ । ଅର୍ଥାତ ବୈଅତେ ଅକ୍‌ବା ଉଲାର ପ୍ରଥମ ଘଟଣାର ଚର୍ଚ୍ଚା । ସେ କୁହନ୍ତି ଯେ, ଆମେମାନେ ଯେତେବେଳେ ସେହି ବ୍ୟକ୍ତିକୁ ଦେଖିଲୁ ସେତେବେଳେ ସାକ୍ଷାତ୍ ଆଁହଜରତ ସ.ଅ ଥିଲେ । ତେବେ ଆମେମାନେ କହିଲୁ ଯେ, ଚାଲ ସେହି ବ୍ୟକ୍ତି ପାଖକୁ ଚାଲ ଓ ନିଜର ଜିନିଷ ପତ୍ର ତା' ନିକଟରେ ରଖି ଦେବା । ଏପର୍ଯ୍ୟନ୍ତ କି ବୈତୁଲ୍ଲାଃର ପରିକ୍ରମା କରି ଫେରି ଆସିବା । ସାହାବାମାନେ କୁହନ୍ତି ଯେ, ଆମେମାନେ ଆପଣ ସ.ଅଙ୍କୁ ଅଶିକ୍ଷିତ ପ୍ରଥାନୁଯାୟୀ ନମସ୍କାର (ସଲାମ୍) କଲୁ । କିନ୍ତୁ ଆପଣ ସ.ଅ ଇସ୍‌ଲାମୀୟ ପନ୍ଥାନୁଯାୟୀ ସଲାମ୍‌ର ଉତ୍ତର ଦେଲେ ଓ ଆମେ କହିଲୁ ଯେ, ଆମେମାନେ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ନବୀ କରୀମ୍ ସ.ଅଙ୍କ ସଂପର୍କରେ ତ' ଶୁଣି ସାରିଥିଲୁ ଯେ, ମକ୍କାର କୌଣସି ଏକ ବ୍ୟକ୍ତି ଦାବି କଲେ । କିନ୍ତୁ ଆମେମାନେ ଆପଣ ସ.ଅଙ୍କୁ ଚିହ୍ନି ପାରି ନଥିଲୁ, ତେଣୁ ଆମେ କହିଲୁ ଅବତାରତ୍ୱର ଦାବିଦାର କେଉଁଠି ଅଛି ? ଆପଣ ସ.ଅ କହିଲେ ସେହି ବ୍ୟକ୍ତି ଜଣକ ହେଉଛି ମୁଁ । ଆମର କହିବା ଯୋଗୁଁ ଆପଣ ସ.ଅ ଆମମାନଙ୍କୁ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ବୁଝାଇଲେ ଓ କହିଲେ ଯେ, ଆକାଶ ଓ ପର୍ବତକୁ କିଏ ସୃଷ୍ଟି କରିଛି ? ଆମେମାନେ କହିଲୁ କି ଅଲ୍ଲାଃତାଲା ଆକାଶ ପାତାଳକୁ ସୃଷ୍ଟି କରିଛନ୍ତି । ଆଁହଜରତ ସ.ଅ ଆମମାନଙ୍କୁ ପଚାରିଲେ ଯେ, ତୁମେମାନଙ୍କୁ କିଏ ସୃଷ୍ଟି କରିଛି ? ଆମେମାନେ କହିଲୁ କି ଅଲ୍ଲାଃତାଲା ଆମମାନଙ୍କୁ ସୃଷ୍ଟି କରିଛନ୍ତି। ଆପଣ ସ.ଅ ଆମମାନଙ୍କୁ ପଚାରିଲେ ଯେ, ଏହି ପିତୁଳା ବା ମୂର୍ତ୍ତିଗୁଡ଼ିକୁ କିଏ ସୃଷ୍ଟି କରିଛନ୍ତି ଯାହାଙ୍କୁ ତୁମେମାନେ ପୂଜା କରୁଛ ଏବଂ ତୁମେମାନେ ସେହି ମୂର୍ତ୍ତିମାନଙ୍କର ଉପାସନା କରୁଛ ? ଆମେମାନେ କହିଲୁ, ହେ ମୁହମ୍ମଦ ସ.ଅ ! ଆମେମାନେ ହିଁ ଏହି ମୂର୍ତ୍ତି ନିଜ ହାତରେ ନିଜେ ତିଆରି କରିଛୁ । ପୁନଶ୍ଚ ଆପଣ ସ.ଅ କହିଲେ, ତାହାହେଲେ ସୃଷ୍ଟିକର୍ତ୍ତାଙ୍କ ଉପାସନା କରିବା ଅଧିକ ଶ୍ରେୟସ୍କର ନା ସେହି ପିତୁଳାଗୁଡ଼ିକର ଉପାସନା କରିବା ଅଧିକ ଶ୍ରେୟସ୍କର ? ପୁନଶ୍ଚ ଆପଣ ସ.ଅ କହିଲେ ତାହାହେଲେ ତୁମେମାନେ ପ୍ରକୃତ ଅଧିକାରୀ ଅଟେ ଯେ, ତୁମମାନଙ୍କର ଉପାସନା କରାଯାଉ । କାରଣ ତୁମେମାନେ ଏହି ପିତୁଳାଗୁଡ଼ିକର ନିର୍ମାତା ଅଟ । ଆପଣ ସ.ଅ ପୁନଶ୍ଚ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଉପାସନା ଓ ତାହାଙ୍କ ସମର୍ଥନରେ ତୁମମାନଙ୍କୁ ସାକ୍ଷ୍ୟ ପ୍ରଦାନ କରିବା ଲାଗି ଆମନ୍ତ୍ରିତ କରୁଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନାହାନ୍ତି ଏବଂ ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ । ତୁମେମାନେ ପରସ୍ପର ପ୍ରତି ଦୟା ପ୍ରଦର୍ଶନ କରିବା, ଶତ୍ରୁତାକୁ ପରିତ୍ୟାଗ କରିଦେବା ଆଡ଼କୁ ମୁଁ ତୁମମାନଙ୍କୁ ଆମନ୍ତ୍ରିତ କରୁଛି (ଏହି ଶତ୍ରୁତା ଅନ୍ୟ ଉପରେ ଅତ୍ୟାଚାର କରିବା ଯୋଗୁଁ ହିଁ ହୋଇଥାଏ)। ଆମେମାନେ କହିଲୁ ଯେ, ନାହିଁ ଅଲ୍ଲାଃତାଲାଙ୍କ ରାଣ ! ଆପଣ ସ.ଅ ଯେଉଁ ପ୍ରସଙ୍ଗ ଆଡ଼କୁ ଆମମାନଙ୍କୁ ଆମନ୍ତ୍ରିତ କରୁଛନ୍ତି ଯଦି ତାହା ମିଥ୍ୟା ହୋଇଥାଆନ୍ତା ତେବେ ମଧ ଏଗୁଡ଼ି ଅତ୍ୟନ୍ତ ଉତ୍ତମ କଥା ଓ ଅତ୍ୟନ୍ତ ଉତ୍ତମ ଚରିତ୍ରବତ୍ତାମୂଳକ କଥନ ଅଟେ । ଆପଣ ସ.ଅ ଆମମାନଙ୍କର ଆରୋହିତ ବାହନକୁ ସମ୍ଭଳନ୍ତୁ ଏପର୍ଯ୍ୟନ୍ତକି ଆମେମାନେ ପରିକ୍ରମା କରି ଫେରି ଆସିବୁ । ମୁଆଜ୍ ବିନ୍ ଇଫ୍ରା ର.ଅ ଆପଣ ସ.ଅଙ୍କ ପାଖରେ ବସିଥିଲେ ।

ରିଫାଅ ବିନ୍ ରାଫେ ର.ଅ କୁହନ୍ତି: ମୁଁ ବୈତୁଲ୍ଲାଃର ପରିକ୍ରମା କରିବାକୁ ଗଲି । ମୁଁ ସାତଟି ତୀର ବାହାର କଲି ଓ ଗୋଟିଏ ତୀର ଆପଣ ସ.ଅଙ୍କ ପାଇଁ ନିର୍ଦ୍ଧାରିତ କଲି । ଏହା ତାଙ୍କର ପନ୍ଥା ଥିଲା । ଆତ୍ମ ସନ୍ତୁଷ୍ଟି ନିମନ୍ତେ ଏହି ତୀରରୁ ଶୁଭ ଶକୁନ ବାହାର କରୁଥିଲେ । କୁହନ୍ତି ପୁନଶ୍ଚ ବୈତୁଲ୍ଲାଃ ଆଡ଼କୁ ଚାହିଁଲି ଓ ପ୍ରାର୍ଥନା କଲି: "ହେ ଅଲ୍ଲାଃ ! ମୁହମ୍ମଦ ସ.ଅ ଯେଉଁ ପ୍ରସଙ୍ଗ ଆଡ଼କୁ ଆମନ୍ତ୍ରିତ କରନ୍ତି ଯଦି ତାହା ସତ୍ୟ ତେବେ ତୁମ୍ଭେ ସାତ ଥର ତାହାଙ୍କ ତୀର ବାହାର କରିଦିଅ । ମୁଁ ସାତ ଥର ଗୁଳା ପକାଇଲି ଓ ସାତ ଥର ଆପଣ ସ.ଅଙ୍କ ତୀର ବାହାରିଲା । ମୁଁ ବଡ଼ ପାଟିରେ କହିଲି, أَشْهَدُ أَنْ لَّا إِلٰهَ إِلَّا اللّٰهُ وَأَنَّ مُحَمَّدًا رَّسُولُ اللّٰهِ। ସୁତରାଂ ଲୋକମାନେ ମୋ ନିକଟରେ ଏକତ୍ରିତ ହୋଇଗଲେ ଏବଂ କହିବାକୁ ଲାଗିଲେ ଏଇଟା ସଂପୂର୍ଣ୍ଣ ପାଗଳ ଓ ବାଇଆ ହୋଇଯାଇଛି । ମୁଁ କହିଲି ନା ବରଂ ମୁଁ ଏହା ମନେକରୁଛି ଯେ, ଏହି ବ୍ୟକ୍ତି ବିଶ୍ୱସାକାରୀ ବ୍ୟକ୍ତି ଅଟେ । ମୁଁ ପୁନଶ୍ଚ ମକ୍କାର ଉପର ମୁଣ୍ଡରେ ଥିବା ଅଞ୍ଚଳକୁ ଚାଲି ଆସିଲି । ସୁତରାଂ ମୁଆଜ ଯେତେବେଳେ ମୋତେ ଦେଖିଲେ ସେତେବେଳେ କହିଲେ, ରିଫାଅ ଏପରି ଆଲୋକମୟ ମୁଖମଣ୍ଡଳ ସହିତ ଚାଲି ଆସୁଛି ଯେ ସେ ଗଲାବେଳେ ଏପରି ଅବସ୍ଥାରେ ନଥିଲା ।"

ଅର୍ଥାତ ରିଫାଅ କଲ୍‌ମା ପଢିବା ପୂର୍ବରୁ ରିଫାଅଙ୍କ ବର୍ତ୍ତମାନ ଯେପରି ମୁଖମଣ୍ଡଳ ରହିଛି ସେପରି ଜ୍ୟୋତିର୍ମୟ ମୁଖମଣ୍ଡଳ ନଥିଲା । ସୁତରାଂ ମୁଁ ଆସିଲି ଓ ଇସ୍‌ଲାମ୍ ଧର୍ମ ସ୍ୱୀକାର କଲି । ରସୁଲୁଲ୍ଲାଃ ସ.ଅ ଆମମାନଙ୍କୁ ସୁରାହ୍ ୟୁସୁଫ୍ ଓ ସୁରାହ୍ ଅଲକ୍ ଅର୍ଥାତ اِقْرَأْ بِاسْمِ رَبِّكَ الَّذِيْ خَلَقَ ପାଠକରାଇଲେ । ଏହାପରେ ଆମେମାନେ ଫେରି ଆସିଲୁ ।

**(ଅଲ୍ ମୁସ୍ତଦରିକ୍ ଅଲସ୍ ସହିହୈନ୍, ଭାଗ-4, ପୃ-165-166, କିତାବୁଲ୍ ବିର୍‌ରି ୱସ୍ ସିଲା, ହଦିସ୍ ନଂ-7241, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)**

ହ. ରିଫାଅ ବିନ୍ ରାଫେ ର.ଅ ବର୍ଣ୍ଣନା କରନ୍ତି ଯେ, ବଦର୍ ଦିନ ମୋ ଚକ୍ଷୁରେ ତୀର ବାଜିଲା । ଫଳତଃ ମୁଁ ଅନ୍ଧ ହୋଇଗଲି । ଆଁହଜରତ ସ.ଅ ମୋର ଚକ୍ଷୁରେ ନିଜର ପବିତ୍ର ଲାଳ ଲଗାଇଦେଲେ ଓ ମୋ ପାଇଁ ଦୁଆ କଲେ । ସୁତରାଂ ମୋତେ ଯେପରି କଷ୍ଟ କି ଯନ୍ତ୍ରଣା ଅନୁଭୂତ ହେଲା ନାହିଁ । **( ସବଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-53, ବାବୁ ଜିକ୍ରି ବର୍କତୁ ଅସ୍‌ରି ରିକ୍କତୁ ୱ ୟଦ୍‌ହୁ ସ.ଅ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-1993 ମସିହା)**

ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ବଦର୍ ଯୁଦ୍ଧ ଦିନ ତୀର ହ. ରିଫାଅ ବିନ୍ ଅର୍ଫାଅଙ୍କୁ ନୁହେଁ ବରଂ ତାଙ୍କର ପିତାଶ୍ରୀ ରେଫେ ବିନ୍ ମାଲିକ୍‌ଙ୍କ ଚକ୍ଷୁରେ ବାଜି ଥିଲା । **(ଅଲ୍ ମୁସ୍ତଦ୍‌ରିକ୍ ଅଲସ୍ ସହିହୈନ୍, କିତାବୁଲ୍ ବିର୍‌ରି ୱସ୍ ସିଲା, ପୃ-1876, ହଦିସ୍ ନଂ-5024, ଲେଖକ-ନିଜାର୍ ମୁସ୍ତଫା ଅଲବାର୍-2000 ମସିହା)** ସେ ଯାହା ହେଉ ନା କାହିଁକି ଅଲ୍ଲାଃତାଲାଙ୍କ ପରମ ଅନ୍ତର୍ଯାମୀ ଅଟନ୍ତି । କିନ୍ତୁ ଫଳାଫଳ ତାହା ହିଁ ହୋଇଥିଲା ଯେ, ଆଁହଜରତ ସ.ଅ ନିଜର ପବିତ୍ର ଲାଳ ଲଗାଇବା ଫଳରେ ତାଙ୍କର ବ୍ୟଥା ଦୂରୀଭୂତ ହୋଇଥିଲା ।

ହ. ରିଫାଅ କୁହନ୍ତି ଯେ, ଦିନେ ଆମମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ମସ୍‌ଜିଦ୍‌ରେ ବସିଥିଲୁ କି ସେହି ସମୟରେ ଜଣେ ଗାଉଁଲି ବ୍ୟକ୍ତି ନମାଜ୍ ପଢି ନବୀ କରୀମ୍ ସ.ଅଙ୍କୁ ସଲାମ୍ କଲା । ଆପଣ ସ.ଅ ତା' ସଲାମ୍‌ର ଉତ୍ତର ଦେଇ କହିଲେ, ବସ ! ପୁନଃ ଯାଇ ନମାଜ ପଢ ! କାରଣ ତୁମେ ଠିକ୍ ସେ ନମାଜ ପଢି ନାହଁ । ଉକ୍ତ ବ୍ୟକ୍ତି ଜଣକ ପୁନଃ ଯାଇ ନମାଜ ପଢିଲା ଏବଂ ଫେରି ଆସି ଆଁହଜରତ ସ.ଅଙ୍କୁ ପୁନଃ ସଲାମ୍ କଲା । ଆପଣ ସ.ଅ ତାଙ୍କୁ ପୁନଶ୍ଚ ନମାଜ ପଢିବା ପାଇଁ ଆଦେଶ ଦେଲେ । ଏହିପରି ଭାବରେ ଦୁଇ ଉକ୍ତ ବ୍ୟକ୍ତିକୁ ନମାଜ ପଢିବା ପାଇଁ ଆପଣ ସ.ଅ ଦୁଇ ତିନି ଥର କହିଲେ । ଏହା ଦେଖି ସାହାବାମାନେ ଭୟଭୀତ ହେଲେ ଯେ, ସେମାନେ ଯେଉଁ ସଂକ୍ଷିପ୍ତ ନମାଜ ପଢିଛନ୍ତି ତାହା ଗ୍ରହଣୀୟ ଅବା ନୁହେଁ ? ଏହି ଦ୍ୱନ୍ଦରେ ସେମାନେ ଗ୍ରସ୍ତ ହେଲେ । କହିବାର ତାତ୍ପର୍ଯ୍ୟ ଏହିକିଯେ, ସଂକ୍ଷିପ୍ତ ନମାଜ ନମାଜ ନୁହେଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ: ଏହି ହିସାବରେ ଆମମାନଙ୍କୁ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ।

ପରିଶେଷରେ ଉକ୍ତ ଗାଉଁଲି ବ୍ୟକ୍ତି ଜଣକ ଆଁହଜରତ ସ.ଅଙ୍କୁ ନମାଜ୍ ଶିଖାଇବା ପାଇଁ ଅନୁରୋଧ କଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ନମାଜ ପଢିବାର ପ୍ରଣାଳୀ ଶିଖାଇ ଦିଅନ୍ତୁ । ଆପଣ ସ.ଅ କହିଲେ, ଠିକ୍ ଅଛି, ଯେତେବେଳେ ତୁମେ ନମାଜ ପଢିବା ପାଇଁ ଛିଡ଼ା ହୁଅ ସେତେବେଳେ ତୁମେ ସର୍ବପ୍ରଥମେ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ୱଜୁ କର। ପୁନଶ୍ଚ ଏହାପରେ ପବିତ୍ର କୁରଆନ୍ କରୀମ୍ ଯଦି ତୁମକୁ କିଛି ସ୍ମରଣ ଥିବ ତେବେ ତାହାକୁ ପାଠ କର । ଅନ୍ୟଥା اَلْحَمْدُ لِلّٰهِ، اَللّٰهُ اَكْبَرُ اور لَا إِلٰهَ إِلَّا اللّٰهُ କୁହ ପୁନଶ୍ଚ ସ୍ଥିର ଚିତ୍ତରେ ରୁକୁ କର ଏବଂ ଏହାପରେ ସଂପୂର୍ଣ୍ଣ ରୂପେ ସଳଖ ହୋଇ ଛିଡ଼ା ହୋଇଯାଅ । ପୁନଶ୍ଚ ପୂର୍ଣ୍ଣ ଚିତ୍ତରେ ସିଜ୍‌ଦା କର । ଏହାପରେ ଧୈର୍ଯ୍ୟର ସହିତ ବସ । ପୁନଶ୍ଚ ସିଜ୍‌ଦା କରିବା ପରେ ଉଠି ବସ । ଯଦି ତୁମେ ଏହିପରି କରିନିଅ ତେବେ ତୁମର ନମାଜ ସଂପୂର୍ଣ୍ଣ ହୋଇଯିବ ଓ ଯଦି ତୁମେ ତହିଁରେ କୌଣସି ନ୍ୟୂନତା ଅବଲମ୍ବନ କଲ ତେବେ ତୁମେ ସେତିକି ହିଁ ନିଜ ନମାଜରେ ନ୍ୟୂନତା ପ୍ରଦର୍ଶନ କଲ । **(ସୁନନତୁ ତିର୍ମିଜି, କିତାବୁସ୍ ସଲାତ୍, ବାବୁ ଜାଆ ଫି ୱସ୍‌ଫିସ୍ ସଲାତା ହଦିସ୍ ନଂ-302)**

ହ. ରିଫାଅ ବିନ୍ ଅର୍ଫଅ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ନବୀ କରୀମ୍ ସ.ଅଙ୍କ ନିକଟରେ ବସିଥିଲେ । ଆପଣ ସ.ଅ କହିଲେ ଯେ, ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ସଂପୂର୍ଣ୍ଣ ରୂପେ ୱଜୁ କରି ନନେଇଛି (ଅର୍ଥାତ ଅଲ୍ଲାଃତାଲା ତାକୁ ଯେପରି ଆଦେଶ ଦେଇଛନ୍ତି ସେହିପରି ସେ ତାହାଙ୍କ ଆଦେଶ ପାଳନପୂର୍ବକ ୱଜୁ ନକରିଛି) ସେପର୍ଯ୍ୟନ୍ତ ତା'ର ନମାଜ ପୂର୍ଣ୍ଣ ହେବ ନାହିଁ । ଅର୍ଥାତ ବ୍ୟକ୍ତି ସର୍ବ ପ୍ରଥମେ ନିଜର ମୁଖମଣ୍ଡଳକୁ ଧୋଉ, ତା'ପରେ ସେ ନିଜର କହୁଣୀ ପର୍ଯ୍ୟନ୍ତ ହସ୍ତକୁ ଧୋଉ, ଏହାପରେ ସେ ନିଜ ମୁଣ୍ଡର ମସହ୍ (କିଞ୍ଚିତ ଜଳ ନେଇ କେଶକୁ ସ୍ପର୍ଶ କରାଇବା ବିଧିକୁ ମସହ୍ କୁହନ୍ତି) ପୁନଶ୍ଚ ଏହାପରେ ସେ ନିଜର ଗୋଡ଼ ଦ୍ୱୟକୁ ଗୋଇଠି ପର୍ଯ୍ୟନ୍ତ ଧୋଉ । **(ସୁନନ୍ ଇବ୍‌ନେ ମାଜ୍ଜା, କିତାବୁତ୍ ତାହାରତ୍, ବାବୁ ମା ଜାଆ ଫିଲ୍ ୱଜୁଇ. ହଦିସ୍ ନଂ-460)**

ସେହିପରି ଅନ୍ୟ ବର୍ଣ୍ଣନାରେ ଉଲ୍ଲେଖ ରହିଛି ହ. ରିଫାଅ ବିନ୍ ଅର୍ଫଅ ର.ଅଙ୍କ ଠାରୁ ଉକ୍ତ ଘଟଣା ସଂପର୍କରେ ଚର୍ଚ୍ଚା କରିଛନ୍ତି ଯେ, ସେ କହିଲେ ଯେ, ଯେତେବେଳେ ତୁମେ ଛିଡ଼ା ହୁଅ ଓ ତୁମେ କିବ୍‌ଲା ଆଡ଼କୁ ମୁହଁ କର ତେବେ **ଅଲ୍ଲାହୁ ଅକ୍‌ବର** କୁହ ଓ ସୁରାହ୍ ଫାତିହା ପଢ ଏବଂ ତତ୍‌ସହିତ ତୁମେ ଯେତେ ଚାହିଁବ ବା ତୁମକୁ ଯେତେ ପବିତ୍ର କୁରଆନ୍ ସ୍ମରଣ ଅଛି ସେତିକି ପାଠ କରିନିଅ। କିମ୍ବା ତୁମେ ଯେଉଁ ସୁରାହ୍ ପଢିବାକୁ ଚାହୁଁଛି ସେହି ସୁରାହ୍ ପାଠ କରିନିଅ । ସେହିପରି ତୁମେ ଯେତେବେଳେ ରୁକୁ କର (ଅର୍ଦ୍ଧ ଆନତ ହେବା) ସେତେବେଳେ

ନିଜର ପାପୁଲି ଦ୍ୱୟକୁ ଆଣ୍ଠୁ ଉପରେ ରଖ ଓ ନିଜର ଅଣ୍ଟାକୁ ସଳଖ କରିନିଅ ଏବଂ ସେ (ରିଫାଅ) କହିଲେ ତୁମେ ଯେତେବେଳେ ସଜ୍‌ଦା କର ସେତେବେଳେ ନିର୍ଭୟରେ ସଜ୍‌ଦା କର ଓ ଯେତେବେଳେ ସଜ୍‌ଦାରୁ ମୁଣ୍ଡ ଉଠାଅ ସେତେବେଳେ ନିଜର ବାମ ଜଂଘ ସାହାଯ୍ୟରେ ବସ ।

**(ସୁନନ୍ ଅବି ଦାଉଦ୍, କିତାବୁସ୍ ସଲାତ୍, ବାବୁସ୍ ସଲାତୁ ମନ୍ ଲା ୟକୁମୁ ସଲବା ଫିର୍ ରୁକୁଇ ୱସ୍ ସୁଜୁଦି, ହଦିସ୍ ନଂ-859)**

**ନବମ** ସାହାବି ହେଲେ ହ. ଉସୈଦ୍ ବିନ୍ ମାଲିକ୍ ବିନ୍ ରବିୟା ର.ଅ । ଉସ୍‌ମାନ୍ ବିନ୍ ଉବୈଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ମୁଁ ଅବୁ ଉସୈଦ୍‌ଙ୍କୁ ଦେଖିଲି ଓ ସେ ନିଜ ଦାଢ଼ିକୁ ହଳଦିଆ ରଙ୍ଗରେ ବୋଳି ହେଉଥିଲେ ।

**(ଅତ୍ ତବ୍‌କାତୁଲ୍ କୁବ୍‌ରା, ଭାଗ-3, ପୃ-421, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ 2017 ମସିହା)**

ଇବ୍‌ନେ ଇସ୍‌ହାକ୍ କୁହନ୍ତି, ଅବୁ ଉସୈଦ୍ ବିନ୍ ମାଲିକ୍ ବିନ୍ ରବିୟା ର.ଅ ବଦର୍ ଯୁଦ୍ଧରେ ସାମିଲ୍ ଥିଲେ । ଯେତେବେଳେ ପରିଣତି ବୟସରେ ସେ ନିଜର ଦୃଷ୍ଟିଶକ୍ତି ହରାଇ ବସିଲେ ସେତେବେଳେ କହିଲେ, ମୁଁ ଯଦି ଆଜି ବଦର୍ ଯୁଦ୍ଧରେ ସାମିଲ୍ ଥାଆନ୍ତି ଓ ମୋର ଦୃଷ୍ଟିଶକ୍ତି ଯଦି ଭଲ ଥାଆନ୍ତା ତେବେ ମୁଁ ତୁମକୁ ସେହି ଘାଟି ଦେଖାଇ ଥାଆନ୍ତି ଯେଉଁଠି ଈଶ୍ୱରଦୂତମାନେ ବାହାରିଥିଲେ । ଇବ୍‌ନେ ଇସ୍‌ହାକ୍ କୁହନ୍ତି ଯେ, ତହିଁରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।

**(ଅସ୍‌ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-431, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍ 2001 ମସିହା)**

ହ. ଅବୁ ଉସୈଦ୍ ମାଲିକ୍ ବିନ୍ ରବିୟା ର.ଅ କୁହନ୍ତି ଯେ, ଆମେମାନେ ଆଁହଜରତ ସ.ଅଙ୍କ ନିକଟରେ ବସିଥିଲୁ କି ବନୁ ସଲ୍‌ମା ସଂପ୍ରଦାୟର ଏକ ବ୍ୟକ୍ତି ଆସିଲା ଏବଂ କହିଲା, ମୋର ପିତାମାତାଙ୍କ ବିୟୋଗ ପରେ ବି ସେମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି କି ? ଆପଣ ସ.ଅ କହିଲେ, ହଁ । ସେମାନଙ୍କ ପାଇଁ ଦୁଆ କରିବା, ଅସ୍ତଗ୍‌ଫିରୁଲ୍ଲାଃ (କ୍ଷମାପ୍ରାର୍ଥନା) କରିବା । ସେମାନଙ୍କ ବିୟୋଗ ପରେ ସେମାନଙ୍କର ପ୍ରତିଜ୍ଞା ପୂରଣ କରିବା, ସେମାନଙ୍କର ବନ୍ଧୁ ବାନ୍ଧବ ତଥା ସଂପର୍କୀୟଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରିବା, ସେମାନଙ୍କୁ ଏକତାର ଡୋରିରେ ବାନ୍ଧି ରଖିବା, ସେମାନଙ୍କୁ ସାହାଯ୍ୟ କରିବା, ସେମାନଙ୍କ ବନ୍ଧୁବାନ୍ଧବଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଦ୍ୱାରା ଉକ୍ତ ମୃତକଙ୍କୁ ପୁଣ୍ୟଲାଭ ହୋଇଥାଏ ଏବଂ ସେମାନଙ୍କ ମୋକ୍ଷ ପ୍ରାପ୍ତିର ମାର୍ଗ ମଧ୍ୟ ସହଜ, ସୁଗମ ଓ ପ୍ରଶସ୍ତ ହୋଇଯାଇଥାଏ ।

**(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଅଦବ, ବାବୁ ଫି ବିର୍‌ରୁଲ୍ ୱାଲିଦୈନି, ହଦିସ୍ ନଂ-5142)**

ଅବୁ ଉସୈଦ୍ ମାଲିକ୍ ବିନ୍ ସାଆଦି ରବିଇ ସାଆଦି ବର୍ଣ୍ଣନା କରନ୍ତି ଯେ, ଆମେମାନେ ଆଁହଜରତ ସ.ଅଙ୍କ ପାଖରେ ବସିଥିଲୁ କି ଠିକ୍ ସେହି ସମୟରେ ବନୁ ସଲ୍‌ମାର ଜଣେ ବ୍ୟକ୍ତି ଆପଣ ସ.ଅଙ୍କ ନିକଟକୁ ଆସିଲା ଓ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ପିତାମାତାଙ୍କ ବିୟୋଗ ପରେ ମଧ୍ୟ ତାଙ୍କ ପ୍ରତି ସଦ୍‌ବ୍ୟବହାର କରିବାର କୌଣସି ଆବଶ୍ୟକତା ରହିଛି କି ? ଆପଣ ସ.ଅ କହିଲେ, ହଁ । ସେମାନଙ୍କ ପାଇଁ ଦୁଆ କରିବା, ସେମାନଙ୍କ ନିମନ୍ତେ କ୍ଷମା ପ୍ରାର୍ଥନା କରିବା, ସେମାନଙ୍କ ବିୟୋଗ ପରେ ସେମାନେ କରିଥିବା ପ୍ରତିଶୃତି ପୂରଣ କରିବା ଓ ପିତାମାତାଙ୍କର ସଂପର୍କୀୟ ତଥା ପରିଜନମାନଙ୍କ ପ୍ରତି ଦୟା ଭାବ ପ୍ରଦର୍ଶନ କରିବା, ସେମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବା, ମାତାପିତାଙ୍କ ବନ୍ଧୁମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଇତ୍ୟାଦି କାର୍ଯ୍ୟ ଏକାନ୍ତ ଅପରିହାର୍ଯ୍ୟ ଅଟେ । ଏହା କଲେ ମୃତକ ଅଭିଭାବକଙ୍କୁ ପୁଣ୍ୟଲାଭ ମିଳିଥାଏ ଓ ସେମାନଙ୍କ ନିମନ୍ତେ ଦୟାବତୀର୍ଣ୍ଣ ହେବାର ସାଧନ ମଧ୍ୟ ଅବତୀର୍ଣ୍ଣ ହେଉଥିବା । **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଅଦବ୍, ବାବୁ ବିର୍‌ରୁଲ୍ ୱାଲିଦୈନି, ହଦିସ୍ ନଂ-5142)**

ମାଲିକ୍ ବିନ୍ ରବିଇୟାହ୍ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କୁ ଏହା କହୁଥିବାର ଶୁଣିଛି ଯେ, ଆଁହଜରତ ସ.ଅ କହିଲେ: ହେ ଈଶ୍ୱର (ଅଲ୍ଲାଃ)! କେଶ ମୁଣ୍ଡନକାରୀଙ୍କୁ କ୍ଷମା ପ୍ରଦାନ କର । ଜଣେ ବ୍ୟକ୍ତି କହିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ! କେଶ ଯିଏ ଛୋଟ କରେ ସେହି ବ୍ୟକ୍ତି ? ଆପଣ ସ.ଅ ତୃତୀୟ କିମ୍ବା ଚତୁର୍ଥ ଥର କହିଲେ, କେଶ ଛୋଟ କରୁଥିବା ବ୍ୟକ୍ତିମାନଙ୍କୁ ମଧ୍ୟ କ୍ଷମା ପ୍ରଦାନ କର । ମାଲିକ୍ ବିନ୍ ରବିଇୟାହ୍ କୁହନ୍ତି ଯେ, ମୁଁ ମଧ୍ୟ ସେଦିନ ଚୁଟି କାଟିଥିଲି । ମୁଁ ମଧ୍ୟ ଆଁହଜରତ ସ.ଅଙ୍କ ଏହି କଥା ଶୁଣି ଏତେ ଆନନ୍ଦିତ ହେଲି ଯେ, ମୋତେ ଯଦି ଲୋହିତ ବର୍ଣ୍ଣର ଓଟ ବି ମିଳିଯାଇଥାଆନ୍ତା ତେବେ ମଧ୍ୟ ମୋତେ ସେତେଟା ଆନନ୍ଦ ମିଳି ନଥାଆନ୍ତା । **(ଅତ୍ ତବ୍‌କାତୁଲ୍ କୁବ୍‌ରା, ଭାଗ-2, ପୃ-79-80, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଉସ୍‌ମାନ୍ ବିନ୍ ଅର୍କମ୍ ର.ଅ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ ବଦର୍ ଯୁଦ୍ଧ ଦିନ କହିଲେ, ତୁମ ନିକଟରେ ଯେଉଁ ମାଲେ ଗନିମତ୍ ରହିଛି ତାହାକୁ ତୁମେ ଛାଡ଼ିଦିଅ । ଫଳତଃ ହ. ଅବୁ ଉସୈଦ୍ ଅସ୍‌ସାଆଦି ଆଏଦୁଲ୍ ମର୍ଜୁବାନ୍‌ର ଖଡ଼୍‌ଗ ରଖିଦେଲେ ଏବଂ ହ. ଅର୍କମ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଉକ୍ତ ଖଡ଼୍‌ଗ ମାଗିନେଲେ । ଫଳତଃ ଆଁହଜରତ ସ.ଅ ତାଙ୍କୁ ସେହି ଖଡ଼୍‌ଗ ପ୍ରଦାନ କରିଦେଲେ । **(ମାଆରିଫତୁସ୍ ସାହାବା ଲିଅବି ନଇମ୍, ଭାଗ-1, ପୃ-295, ହଦିସ୍ ନଂ-1022, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍-2002 ମସିହା)**

ପୁନଶ୍ଚ **ଦଶମ** ସାହାବି ହେଲେ ହ. ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ ଅସଦ୍ ର.ଅ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ମୁହମ୍ମଦ ବିନ୍ ଅମ୍ମାର ର.ଅ କୁହନ୍ତି ଯେ, ମକ୍କାରୁ ଚାଲି ଆସିଥିବା ପ୍ରବାସକାରୀଙ୍କ ମଧ୍ୟରେ ସର୍ବ ପ୍ରଥମ ପ୍ରବାସୀ ହେଲେ ହ. ଅବୁ ସଲମା ବିନ୍ ଅବ୍‌ଦୁଲ ଅସଦ୍ ର.ଅ । ସେ ମୁହର୍‌ରମ୍ ମାସ 10 ତାରିଖରେ ମଦିନା ଆସିଥିଲେ । ଅପର ପକ୍ଷେ ଆଁହଜରତ ସ.ଅ ରବିଉଲ୍ ଅୱଲ୍ 12 ତାରିଖ ଦିନ ମଦିନା ଆସିଥିଲେ । ସେହି ପ୍ରବାସକାରୀ ଯେକି ସର୍ବ ପ୍ରଥମେ ଆସିଥିଲେ ସେ ବନୁ ଅମ୍ର ବିନ୍ ଅଉଫ୍‌ଙ୍କ ଘରେ ଅଧିବାସ ଗ୍ରହଣ କରିଥିଲେ । ସେହିପରି ଯେଉଁ ପ୍ରବାସକାରୀମାନେ ଶେଷରେ ଆସିଲେ ସେମାନଙ୍କ ମଧ୍ୟରେ 2 ମାସର ବ୍ୟବଧାନ ରହିଥିଲା ।

ହ. ସଲ୍‌ମା ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅବୁ ସଲ୍‌ମା ର.ଅ ଯେତେବେଳେ ମଦିନା ପ୍ରବାସ କଲେ ସେତେବେଳେ କୁବାରେ ହ. ମୁବଶ୍ଶିର ବିନ୍ ଅବ୍‌ଦୁଲ୍ ମୁନ୍‌ଜର ର.ଅଙ୍କ ଘରେ ରହିଲେ । ଯେତେବେଳେ ଆପଣ ପ୍ରବାସ କଲେ ସେତେବେଳେ ସେ କୁବାରେ ହ. ମୁବଶ୍ଶିର୍ ବିନ୍ ଅବ୍‌ଦୁଲ୍ ମୁନ୍‌ଜର୍ ର.ଅଙ୍କ ଘରେ ଅଧିବାସ ଗ୍ରହଣ କଲେ । ରସୁଲୁଲ୍ଲାଃ ସ.ଅ ହ. ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍ ର.ଅ ଓ ହ. ସାଆଦ୍ ବିନ୍ ଖୈସ୍‌ମାଙ୍କ ମଧ୍ୟରେ ମିତ୍ରତା ସ୍ଥାପନ କରିଥିଲେ । **(ଅତ୍ ତବ୍‌କାତୁଲ୍ କୁବ୍‌ରା ଲିଇବ୍‌ନି ସାଆଦ୍, ଭାଗ-3, ପୃ-181, ୱମିନ୍ ବନି ମଖ୍‌ଜୁମ୍: ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଯେତେବେଳେ ଆଁହଜରତ ସ.ଅଙ୍କୁ ବନୁ ତୈ ସଂପ୍ରଦାୟର ଜଣେ ବ୍ୟକ୍ତି ଯେକି ନିଜର ଭାଇ ଝିଅକୁ ସାକ୍ଷାତ୍ କରିବା ନିମନ୍ତେ ମଦିନା ଆସିଥିଲା, ସେ ଖବର ଦେଲା ଯେ, ଖୁୱୈଲିଦ୍‌ର ପୁତ୍ର ତଲିହା ଓ ସଲ୍‌ମା ନିଜ ଜାତି ଏବଂ ନିଜର ମିତ୍ରଙ୍କ ଗହଣରେ ବୁଲୁଛନ୍ତି ନିଜ ଜାତିର ଲୋକଙ୍କୁ ଓ ସେମାନଙ୍କୁ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଉସ୍‌କାଇ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଉଛନ୍ତି । ଆଁହଜରତ ସ.ଅ ଆପଣ ର.ଅଙ୍କୁ ଏକ ଧ୍ୱଜା ଦେଇ ବନୁ ଅସଦ୍ ସଂପ୍ରଦାୟର ମୂଳୋତ୍ପାଟନ ପାଇଁ ଦେଢ଼ଶହ ପ୍ରବାସକାରୀ ଓ ଅନ୍‌ସାର୍‌ମାନଙ୍କର ନେତୃତ୍ୱରେ ପ୍ରେରଣ କଲେ । ଯେଉଁ ବ୍ୟକ୍ତି ବନୁ ଅସଦ୍ ସଂପ୍ରଦାୟ ସଂପର୍କରେ ଏହି ସୂଚନା ପ୍ରଦାନ କରିଥିଲା ତା'କୁ ମାର୍ଗଦର୍ଶକ ରୂପେ ପ୍ରେରଣ କଲେ । ହୁଜୁର ସ.ଅ ହ. ସଲ୍‌ମା ର.ଅଙ୍କୁ ଆଦେଶ ଦେଇ କହିଲେ ଯେ, ତୁମେ ଆଗକୁ ଅଗ୍ରସର ହୁଅ ଏପର୍ଯ୍ୟନ୍ତ କି ବନୁ


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)



**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଅସଦ୍ ଅଞ୍ଚଳରେ ଯାଇ ଶିବିର ସ୍ଥାପନ କର । ସେ ନିଜର ସୈନ୍ୟ ବାହିନୀଙ୍କ ସମେତ ତୁମ ଉପରେ ଆକ୍ରମଣ କରିବା ପୂର୍ବରୁ ତୁମେ ଯାଇ ସେମାନଙ୍କ ଉପରେ ଆକ୍ରମଣ କରିଦିଅ । ସୁତରାଂ ଉକ୍ତ ଆଦେଶକୁ ପାଳନ କରିବାକୁ ଯାଇ ହ. ଅବୁ ସଲ୍‌ମା ର.ଅ ଅତ୍ୟନ୍ତ ଦ୍ରୁତ ଗତିରେ ଦିନ ରାତି ଯାତ୍ରା କରି ସାଧାରଣ ମାର୍ଗରୁ ଭିନ୍ନ ମାର୍ଗରେ ଅଗ୍ରସର ହେଲେ । କାରଣ ବନୁ ଅସଦ୍‌କୁ ତାଙ୍କ ଆଗମନର ସୂଚନା ମିଳିବା ପୂର୍ବରୁ ସେ ସେମାନଙ୍କ ମୁଣ୍ଡ ଉପରେ ଆସି ପହଞ୍ଚି ଯିବେ । ପରିଶେଷରେ ଚାଲୁ ଚାଲୁ ସେ ବନୁ ଅସଦ୍‌ର ଏକ ଝରଣା ପାଖରେ ପହଞ୍ଚି ଗଲେ ଓ ସେ ପଶୁଙ୍କ ବାଡ଼ ଉପରେ ଆକ୍ରମଣ କରିଦେଲେ ଓ ସେମାନଙ୍କର ତିନିଜଣ ପଶୁ ଚରାଳୀଙ୍କୁ ବଧ କରିଦେଲେ । ଅନ୍ୟ ସମସ୍ତ ଲୋକମାନେ ପ୍ରାଣ ବିକଳରେ ଖସିଯିବା ପାଇଁ ଉଦ୍ୟମ କରି ତହିଁରେ ସଫଳ ହୋଇଗଲେ । ହ. ଅବୁ ସଲ୍‌ମା ର.ଅ ନିଜର ସୈନ୍ୟବାହିନୀକୁ ତିନି ଭାଗରେ ବିଭକ୍ତ କଲେ । ଗୋଟିଏ ଭାଗ ନିଜ ପାଖରେ ରଖି ଅନ୍ୟ ଦୁଇ ଭାଗ ସୈନ୍ୟବାହିନୀକୁ ଏଣେତେଣେ ପ୍ରସ୍ଥାନ କରିଦେଲେ । ଏହି ଲୋକମାନେ ଆଉ କିଛି ଓଟ ଓ ଛେଳୀ ଆଦି ଧରି ଆଣିଲେ । କିନ୍ତୁ କାହାରିକୁ ଧରି ପାରିଲେ ନାହିଁ । ଏହାପରେ ହ. ଅବୁ ସଲ୍‌ମା ମଦିନା ଫେରି ଆସିଥିଲେ । ଉକ୍ତ ପ୍ରାମାଣ୍ୟଟି ସିରତ୍ ହଲବିୟାହ୍‌ରୁ ଆନୀତ ।

**(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-3, ପୃ-231, ବାବ୍- ସରାୟା ୱ ବଉସା, ଦାରୁଲ୍ କୁତୁବୁଲ୍ ଇଲମିୟାହା, ବୈରୁତ୍-2002 ମସିହା)**

ଅମ୍ର ବିନ୍ ଅବୁ ସଲ୍‌ମା ର.ଅ କୁହନ୍ତି ଯେ, ହ. ଅବୁ ସଲ୍‌ମା ର.ଅ ବଦର୍ ଯୁଦ୍ଧ ଓ ଓହୋଦ୍ ଯୁଦ୍ଧରେ ସାମିଲ୍ ହେଲେ ଏବଂ ଅବୁ ଉସାମା ଜୁଶ୍‌ମି ଓହୋଦ୍ ଯୁଦ୍ଧରେ ତାଙ୍କୁ ଆହତ କରି ଦେଇଥିଲେ । ସେ ହ. ଅବୁ ସଲ୍‌ମା ର.ଅଙ୍କ ବାହୁ ଉପରେ ବର୍ଚ୍ଛା ଦ୍ୱାରା ଆକ୍ରଣ କରିଥିଲା । ହ. ଅବୁ ସଲ୍‌ମା ଏକ ମାସ ପର୍ଯ୍ୟନ୍ତ ସେହି କ୍ଷତର ଚିକିତ୍ସା ଏବ ଉପଚାର କରିଥିଲେ ଯାହାକି ବାହ୍ୟତଃ ଭଲ ମଧ୍ୟ ହୋଇଯାଇଥିଲା । ଘା ସଂପୂର୍ଣ୍ଣ ଭଲ ହୋଇଗଲା ବା ଶୁଖି ଯାଇଥିଲା । ଶରୀରର ସେହି ଅଙ୍ଗରେ କ୍ଷତ ଚିହ୍ନ ଥିଲା ବୋଲି କେହି ଚିହ୍ନିପାରୁ ନଥିଲେ । ରସୁଲୁଲ୍ଲାଃ ସ.ଅ ପ୍ରବାସର 35ତମ ମୁହର୍ରମ୍ ମାସରେ ତାଙ୍କୁ ଏକ ସରୀୟାରେ (ଯେଉଁ ଯୁଦ୍ଧରେ ଆପଣ ସ.ଅ ସାମିଲ ହେଉ ନଥିଲେ ସେହି ଯୁଦ୍ଧକୁ ସରୀୟା କୁହାଯାଏ) କତନ୍ ଠାରେ ବନୁ ଅସଦ୍ ସଂପ୍ରଦାୟ ଅଭିମୁଖେ ପ୍ରେରଣ କଲେ କତନ୍ ସଂକ୍ରାନ୍ତରେ କୁହାଯାଏ ଯେ, ଏହା ଅନିଜାହ୍ (ନଜଦ୍) ଓ ଖୈବରର ମଧ୍ୟବର୍ତ୍ତୀ ସ୍ଥାନରେ ଏକ ପର୍ବତର ନାମ ଯାହାର ଉତ୍ତର ଦିଗରେ ବନୁ ଅସଦ୍ ବିନ୍ ଖଜିମା ସଂପ୍ରଦାୟ ଅବସ୍ଥିତ ଥିଲା । ସେ ଯାହା ହେଉ ନା କାହିଁକି ସେ ଦଶରୁ ଅତିରିକ୍ତ ରାତ୍ର ମଦିନାରୁ ବାହାରେ ରହିବା ପରେ ଯେତେବେଳେ ଫେରିଲେ ସେତେବେଳେ ତାଙ୍କର କ୍ଷତାଂଶ ଖରାପ ହୋଇଗଲା । ଫଳତଃ ସେ ଅସୁସ୍ଥ ହୋଇଗଲେ ଏବଂ ଜମାଦିଉଲ୍ ଆଖିର୍‌ର ତିନି ତାରିଖ ଓ ଚାରି ହିଜ୍ରୀରେ ମୃତ୍ୟୁ ବରଣ କରିଥିଲେ ।

**(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-3, ପୃ-182, ଓମିନ୍ ବନି ମଖ୍‌ଜୁମ୍: ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-237, ଜୱାର୍ ଏକାଡ଼େମୀ, କରାଚୀ-2003 ମସିହା)**

ଅବୁ କିଲା ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ହ. ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍ ର.ଅଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ନିମନ୍ତେ ଗଲେ । ଆପଣ ସ.ଅଙ୍କ ଆଗମନ ସହିତ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ବର୍ଣ୍ଣନାକାରୀ କୁହନ୍ତି ଯେ, ଏହା ଦେଖି ସେଠାରେ ଉପସ୍ଥିତ ଥିବା କେତେକ ମହିଳାମାନେ କହିଲେ, ଆହଁଜରତ ସ.ଅ କହିଲେ: ରହିଯାଅ ! ନିଜ ଜୀବନ ସକାଶେ ପୁଣ୍ୟ ବ୍ୟତୀତ ଅନ୍ୟ କିଛି ବି ଦୁଆ କର ନାହିଁ । କାରଣ ଈଶ୍ୱରଦୂତ ମୃତକ ବ୍ୟକ୍ତି ନିକଟରେ ଉପସ୍ଥିତ ଥାଆନ୍ତି, ସେମାନେ ଲୋକଙ୍କ ଦୁଆ କରିବା ଉପରେ ଆମିନ୍ କୁହନ୍ତି । ଅତଃ ନିଜ ପାଇଁ ପୁଣ୍ୟ ବ୍ୟତୀତ ଅନ୍ୟ କିଛି ବି ପ୍ରାର୍ଥନା କର ନାହିଁ । ଏହି କାନ୍ଦ ବୋବାଳିକୁ ଆମର ଏଠି ଆର୍ତ୍ତ ଚିତ୍କାର ମଧ୍ୟ କୁହନ୍ତି । ତେଣୁ ଏପରି କରିବା ଅନୁଚିତ ଅଟେ । ପୁନଶ୍ଚ କହିଲେ : ହେ ଈଶ୍ୱର ! ଏମାନଙ୍କ ପାଇଁ ସେମାନଙ୍କର କବରକୁ ପ୍ରଶସ୍ତ କରିଦିଅ ଓ ଏମାନଙ୍କ ପାଇଁ କବରକୁ ଆଲୋକିତ କରିଦିଅ । କବରର ଆଲୋକକୁ ବୃଦ୍ଧି କରିଦିଅ ଏବଂ ସେମାନଙ୍କର ପାପକୁ କ୍ଷମା କରିଦିଅ । ହେ ପ୍ରଭୁ ! ସେମାନଙ୍କର ସ୍ତର ମାର୍ଗଦାର୍ଶନ ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ଉନ୍ନୀତ କର । ସେମାନଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ସେମାନଙ୍କର ପ୍ରତିସ୍ଥାନିକ ହୋଇଯାଅ । ତୁମ୍ଭେ ମୋତେ ଓ ସେମାନଙ୍କୁ କ୍ଷମା ପ୍ରଦାନ କରିଦିଅ । ହେ ଅଲ୍ଲା! ସେମାନଙ୍କ ସ୍ତର ମାର୍ଗଦର୍ଶନ ପ୍ରାପ୍ତକାରୀ ବ୍ୟକ୍ତିଙ୍କ ମଧ୍ୟରେ ଉଚ୍ଚତର କରିଦିଅ ଏବଂ ସେମାନଙ୍କର ଶୋକ ସନ୍ତପ୍ତଙ୍କ ମଧ୍ୟରେ ତୁମ୍ଭେ ସେମାନଙ୍କ ପ୍ରତିସ୍ଥାନିକ ହୋଇଯାଅ । ତୁମ୍ଭେ ମୋତେ ଓ ସେମାନଙ୍କୁ କ୍ଷମା ପ୍ରଦାନ କରିଦିଅ । ହେ ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତା ! ଯେତେବେଳେ ଶରୀର ମଧ୍ୟରୁ ଆତ୍ମା ବାହାରିଥାଏ ସେତେବେଳେ ଦୃଷ୍ଟି ତା' ପଛରେ ରହିଥାଏ (ଅର୍ଥାତ ମନୁଷ୍ୟର ଚକ୍ଷୁ ଆତ୍ମାକୁ ଅନାଇ ରହିଥାଏ ବା ଚାହିଁ ରହିଥାଏ) । କ'ଣ ତୁମେମାନେ ମୃତକ ବ୍ୟକ୍ତିର ଚକ୍ଷୁକୁ ଖୋଲା ଥିବାର ଦେଖି ନାହଁ ?

**(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-3, ପୃ-183, ଓମିନ୍ ବନି ମଖ୍‌ଜୁମ୍: ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

**ଏକାଦଶ** ସାହାବି ହେଉଛନ୍ତି ହ. ଖଲ୍ଲାଦ୍ ବିନ୍ ରାଫେଉଜ୍ ଜର୍କି ର.ଅ । ହ. ଖଲ୍ଲାଦ୍ ବିନ୍ ରାଫେଙ୍କ ସଂପର୍କ ଅନ୍‌ସାର ସଂପ୍ରଦାୟର ବନୁ ଖଜରଜ୍ ଶାଖା ଅନ୍ତର୍ଗତ ଉଜ୍‌ଲାନ୍ ସହିତ ଥିଲା । **(ଇବ୍‌ନେ ହିଶ୍ଶାମ୍‌ଙ୍କ ଜୀବନୀ, ପୃ-472, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ପ୍ରକାଶନ ବର୍ଷ 2001 ମସିହା)**

ହ. ଖଲ୍ଲାଦ୍ ର.ଅଙ୍କ ମାତାଙ୍କ ନାମ ମାଲିକ୍ ବିନ୍ତ୍ ଉବୈ ବିନ୍ ମାଲିକ୍ ଥିଲା । ହ. ଖଲ୍ଲାଦ୍ ର.ଅଙ୍କ ପୁତ୍ରଙ୍କ ନାମ ୟହ୍‌ୟା ଥିଲା । ସେ ରାଫେ ବିନତ୍ ଉସ୍‌ମାନ୍ ବିନ୍ ଖଲ୍‌ଦାହ୍‌ଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ । ହ. ଖଲ୍ଲାଦଙ୍କ ସନ୍ତାନ ସଂପର୍କରେ ଏହା ହିଁ ଉଲ୍ଲେଖ ରହିଛି ଯେ, ତାଙ୍କର ସନ୍ତାନମାନେ ପ୍ରାରମ୍ଭିକ ଶୈଶବାବସ୍ଥାରେ ହିଁ ମୃତ୍ୟୁବରଣ କରିଥିଲେ । **(ଅତ୍ ତବ୍‌କାତୁଲ୍ କୁବ୍ରା, ଭାଗ-3, ପୃ-447, ଖଲ୍ଲାଦ୍ ବିନ୍ ରାଫେ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 1990 ମସିହା)**

ଯେପରିକି ନମାଜ ପାଠ କରିବା ସଂକ୍ରାନ୍ତରେ ଏକ ବର୍ଣ୍ଣନା ଆଲୋଚନା ହୋଇ ସାରିଛି ଯେ, ଆଁହଜରତ ସ.ଅ ଜଣେ ବ୍ୟକ୍ତିଙ୍କୁ ଦୁଇ ତିନି ଥର ନମାଜ ସଠିକ୍ ପଢିବା ପାଇଁ ଆଦେଶ ଦେଇଥିଲେ । ସହୀ ବୁଖାରୀରରେ ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମସ୍‌ଜିଦ୍ ଆସିଲେ । ଠିକ୍ ସେତିକି ବେଳେ ଜଣେ ବ୍ୟକ୍ତି ଆସିଲା ଓ ସେ ନମାଜ ପାଠ କଲା । ପୁନଶ୍ଚ ଏହାପରେ ସେ ଯାଇ ନବୀ କରୀମ୍ ସ.ଅଙ୍କୁ ନମସ୍କାର କଲା । ଆପଣ ସ.ଅ ତା'ର ନମସ୍କାରର ଉତ୍ତର ଦେଇ କହିଲେ: ହେ ବତ୍ସ ! ତୁମେ ପୁନଃ ଯାଇ ନମାଜ ପାଠ କର । ଏହିପରି ଭାବରେ ଆପଣ ସ.ଅ ଉକ୍ତ ବ୍ୟକ୍ତିକୁ ଦୁଇ ଥର ନମାଜ ପାଠ କରିବା ପାଇଁ ଆଦେଶ ଦେଲେ । ଏତଦ୍‌ପରେ ଉକ୍ତ ବ୍ୟକ୍ତି ଜଣକ ଈଶ୍ୱରଙ୍କ ରାଣ ଖାଇ କହିଲା କି ମୁଁ ସେହି ସତ୍ତାଙ୍କ ଶପଥ କରି କହୁଛି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଯେଉଁ ଈଶ୍ୱର ଆପଣ ସ.ଅଙ୍କୁ ସତ୍ୟତାର ସହିତ ପ୍ରେରଣ କରିଛନ୍ତି ମୁଁ ଏହାଠୁ ଉତ୍ତମ ନମାଜ ମୁଁ ଆଉ ପାଠ କରିପାରିବି ନାହିଁ । ତେଣୁ ଆପଣ ହିଁ ମୋର ମାର୍ଗଦର୍ଶନ ପୂର୍ବକ ମୋତେ ନମାଜ ପାଠ କରିବାର ବିଧି ଶିଖାଇ ଦିଅନ୍ତୁ । ସୁତରାଂ ଆଁହଜରତ ସ.ଅ କହିଲେ ଯେତେବେଳେ ତୁମେ ଛିଡ଼ା ହୁଅ ସେତେବେଳେ ତୁମେ **ଅଲ୍ଲାହୁ ଅକବର** କୁହ । ତତ୍‌ସହିତ ତୁମେ ଯେତେ ଚାହିଁବ, ତୁମକୁ ଯେତେ ପବିତ୍ର କୁରଆନ୍ ସ୍ମରଣ ଅଛି ସେତିକି ପାଠ କରିନିଅ (ଅର୍ଥାତ ସୁରାଃ ଫାତିହା ପରେ ଯାହା ଓ ଯେଉଁ ସୁରାଃ ମନେଅଛି) । କିମ୍ବା ତୁମେ ଯେଉଁ ସୁରାହ୍ ପଢିବାକୁ ଚାହୁଁଛି ସେହି ସୁରାହ୍ ପାଠ କରିନିଅ । ପୁନଶ୍ଚ ଏହାପରେ ରୁକୁ କର ଏପର୍ଯ୍ୟନ୍ତକି ତୁମେ ତୃପ୍ତ ହୋଇଯିବ । ସେହିପରି ତୁମେ ଯେତେବେଳେ ସଜ୍‌ଦା କର ସେତେବେଳେ ନିର୍ଭୟରେ ସିଜଦା କର ଓ ଯେତେବେଳେ ସଜଦାରୁ ମୁଣ୍ଡ ଉଠାଅ ସେତେବେଳେ

ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ତୁମେ ତୃପ୍ତ ହୋଇଯିବା ଉଚିତ୍ । ଅତଃ ତୁମେ ଏହିପରି ଭାବରେ ନିଜର ସମସ୍ତ ନମାଜକୁ ଶୃଙ୍ଖଳିତ ଭାବରେ ପାଠ କର । **(ସହିହୁଲ୍ ବୁଖାରୀ, କିତାବୁଲ୍ ଅଜାନ, ହଦିସ୍ ନଂ-757)**

ଅଲ୍ଲାମା ହଜର୍ ଅସ୍କଲାନୀ ରହେମୁହୁଲ୍ଲାଃ ଅଲୈହ୍ କୁହନ୍ତି ଯେ, ଆଁହଜରତ ସ.ଅ ଯେଉଁ ବ୍ୟକ୍ତିଙ୍କୁ ନମାଜ ପଢିବାର ଶୈଳୀ ସଂପର୍କରେ ଶିଖାଇଥିଲେ, ସେହି ବ୍ୟକ୍ତି ହେଉଛନ୍ତି ହ. ଖଲ୍ଲାଦ୍ ବିନ୍ ରାଫେ ର.ଅ ।

**(ମରାକତୁଲ୍ ମିଫା ତିହ୍ ଶରହି ମିଶ୍କାତୁଲ୍ ମସାବିହ୍, ଭାଗ-2, ପୃ-458, ବାବୁ ସିଫତୁସ୍ ସଲାତା, ହଦିସ୍ ନଂ-790, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-2001 ମସିହା)**

**ଦ୍ୱାଦଶ** ସାହାବି ହେଉଛନ୍ତି ହ. ଉବ୍ବାଦ୍ ବିନ୍ ବଶର ର.ଅ । ଖନ୍ଦକ୍ ଯୁଦ୍ଧ ଅବସରରେ ତାଙ୍କୁ ଭରପୁର ସେବା କରିବାକୁ ସୁଯୋଗ ମିଳିଥିଲା । ସୁତରାଂ ହ. ଉମ୍ମେ ସଲ୍ମା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଖନ୍ଦକୁ ଯୁଦ୍ଧରେ ଆଁହଜରତ ସ.ଅଙ୍କ ସହିତ ଥିଲି ଓ କୌଣସି ମୁହୂର୍ତ୍ତକ ପାଇଁ ମଧ ଆପଣ ସ.ଅଙ୍କ ଠାରୁ ପୃଥକ ହୋଇ ନଥିଲି । ଆପଣ ସ.ଅ ସ୍ୱୟଂ ମଧ ଖନ୍ଦକ୍ର ନିରୀକ୍ଷଣ କରୁଥିଲେ । ଆମେମାନେ ହାଡଭଙ୍ଗା ଶୀତରେ ଆପଣ ସ.ଅଙ୍କୁ ଦେଖୁଥିଲୁ କି ଆପଣ ସ.ଅ ଉଠିଲେ ଓ ଅଲ୍ଲାଃତାଲା ଯେପରି ଚାହିଁଲେ ସେପରି ଶିବିର ମଧ୍ୟରେ ନମାଜ ପାଠ କଲେ। ପୁନଶ୍ଚ ଏହାପରେ ଆପଣ ସ.ଅ ବାହାରକୁ ବାହାରିଲେ ଓ ଦେଖିଲେ । କିଛି କ୍ଷଣ ପାଇଁ ନିଜର ଦୃଷ୍ଟିକୁ ଏଣେତେଣେ ଘୂରାଇଲେ । ପୁନଶ୍ଚ ମୁଁ ଆପଣ ସ.ଅଙ୍କୁ ଏହା କହୁଥିବାର ଶୁଣିଲି ଯେ,ଏହି ଅଶ୍ୱାରୋହୀମାନେ ତ' ଅବଜ୍ଞାକାରୀଙ୍କ ଜଣାପଡୁଛନ୍ତି ଯେଉଁମାନେକି ଖନ୍ଦକ୍ (ଗର୍ତ୍ତ)ର ପରିକ୍ରମା କରୁଛନ୍ତି । ସେମାନଙ୍କୁ କିଏ ଦେଖିବ (ଅର୍ଥାତ କିଏ ଜଗିବ) ? ଏହାପରେ ଆପଣ ସ.ଅ ଡାକ ମାରିଲେ ଯେ, ହେ ଅବ୍ବାଦ୍ ବିନ୍ ବିଶର୍ ! ହ. ଅବ୍ବାଦ୍ ବିନ୍ ବିଶର୍ ର.ଅ କହିଲେ, ଆଜ୍ଞା ରସୁଲୁଲ୍ଲାଃ ସ.ଅ ! ମୁଁ ଆପଣଙ୍କ ସେବାରେ ଉପସ୍ଥିତ ଓ ସମର୍ପିତ ଅଛି । ଆପଣ ସ.ଅ ପଚାରିଲେ, କ'ଣ ତୁମ ସହିତ ଆଉ କେହି ଅଛନ୍ତି କି ? ପ୍ରତ୍ୟୁତ୍ତରରେ ସେ କହିଲେ, ହଁ ମୁଁ ନିଜର ସାଥିମାନଙ୍କ ସହିତ ଅଛି । ଆମେମାନେ ସମସ୍ତେ ଆପଣ ସ.ଅଙ୍କ ଶିବିରର ଆଖପାଖରେ ଉପସ୍ଥିତ ରହିଛୁ । ଆପଣ ସ.ଅ କହିଲେ, ତୁମେ ନିଜ ସାଥିମାନଙ୍କ ସହିତ ଯାଅ ଓ ଖନ୍ଦକର ପରିକ୍ରମା କର । ଏହି ଅଶ୍ୱାରୋହୀମାନେ ସେହି ଅବଜ୍ଞାକାରୀମାନଙ୍କ ମଧ୍ୟରୁ କେତେକ ଅଶ୍ୱାରୋହୀ ଅଟନ୍ତି ଯେଉଁମାନ କି ତୁମମାନଙ୍କ ଖନ୍ଦକ୍ର ପରିକ୍ରମା କରୁଛନ୍ତି ଓ ସେମାନେ ଏହି ଇଚ୍ଛା ପ୍ରକାଶ କରନ୍ତି ଯେ, ତୁମେମାନେ ଯେତେବେଳେ ଅବଚେତନ ତଥା ଅବହେଳା ପ୍ରଦର୍ଶନ କରିବ ସେତେବେଳେ ସେମାନେ ସହସା ତୁମମାନଙ୍କ ଉପରେ ଆକ୍ରମଣ କରିଦେବେ । ପୁନଶ୍ଚ ଆପଣ ସ.ଅ ଦୁଆ କଲେ ଯେ, ହେ ଅଲ୍ଲାଃ ! ଆମମାନଙ୍କୁ ସେମାନଙ୍କ ଉପଦ୍ରବ ଠାରୁ ଦୂରେଇ ରଖ ଓ ସେମାନଙ୍କ ବିପକ୍ଷରେ ଆମମାନଙ୍କୁ ସାହାଯ୍ୟ କରି ସେମାନଙ୍କୁ ପରାସ୍ତ କରିଦିଅ । ତୁମ୍ଭ ବ୍ୟତୀତ ସେମାନଙ୍କୁ କେହିବି ପରାଜିତ କରିପାରିବ ନାହିଁ ।

ପୁନଶ୍ଚ ଅବ୍ବାଦ୍ ବିନ୍ ବିଶର୍ ନିଜର ସାଥୀମାନଙ୍କ ସହିତ ବାହାରିଲେ ଓ ଦେଖିଲେ ଯେ, ହ. ଅବୁ ସୁଫିୟାନ୍ ଅବଜ୍ଞାକାରୀମାନଙ୍କ କେତେକ ଅଶ୍ୱାରୋହୀମାନଙ୍କ ସହିତ ଥିଲା ଓ ସେ ସଂକୀର୍ଣ୍ଣ ଖନ୍ଦକ୍ ସ୍ଥାନର ପରିକ୍ରମା କରୁଥିଲା । ମୁସଲମାନମାନେ ଏକ ପାର୍ଶ୍ୱରେ ସେଠାରେ ବସିଥିଲେ, ସେମାନଙ୍କ ଖବର ପାଇ ସତର୍କ ହୋଇଯାଇଥିଲେ । ମୁସଲମାନମାନେ ସେମାନଙ୍କ ଉପରକୁ ଅତର୍କିତ ପଥର ଓ ତୀର ବର୍ଷଣ କଲେ । ଏହାପରେ ଆମେମାନେ ମଧ ସେମାନଙ୍କ (ଅର୍ଥାତ ମୁସଲମାନ ଭାଇଙ୍କ ସହିତ ମିଶିଗଲୁ) ସହିତ ରହିଗଲୁ ଓ ଆମେମାନେ ମଧ ସେମାନଙ୍କ ଉପରକୁ ତୀର ବର୍ଷଣ କଲୁ । ଏପର୍ଯ୍ୟନ୍ତ କି ଆମେମାନେ ଅବଜ୍ଞାକାରୀଙ୍କୁ ସେମାନଙ୍କ ସ୍ଥାନରୁ ହଟିବା ପାଇଁ ବାଧ କରିଦେଲୁ। ଫଳତଃ ଅବଜ୍ଞାକାରୀମାନେ ନିଜ ଠିକଣା ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ ଓ ମୁଁ ନବୀ କରୀମ୍ ସ.ଅଙ୍କ ଆଡ଼କୁ ଆସିଲି ଓ ଦେଖିଲି ଯେ, ଆପଣ ସ.ଅ ନମାଜ ପାଠ କରୁଛନ୍ତି । ଏହାପରେ ମୁଁ ଉକ୍ତ ଘଟଣା ସଂପର୍କରେ ଆପଣ ସ.ଅଙ୍କୁ ସୂଚନା ପ୍ରଦାନ କଲି । ହ. ଉମ୍ମେ ସଲମା ର.ଅ ବର୍ଣ୍ଣନା କରନ୍ତି ଯେ, ପୁନଶ୍ଚ ଆପଣ ସ.ଅ ଶୋଇଗଲେ ଏପର୍ଯ୍ୟନ୍ତକି ମୁଁ ଆପଣ ସ.ଅଙ୍କ ଶ୍ୱାସକ୍ରିୟାର ଶବ୍ଦ ଶୁଣିଲି । ଯେପର୍ଯ୍ୟନ୍ତ ମୁଁ ହ. ବିଲାଲ୍ ର.ଅଙ୍କୁ ଫଜରର ଅଜାନ ଦେଉଥିବାର ଶବ୍ଦ ଶୁଣି ନନେଇଛି ସେପର୍ଯ୍ୟନ୍ତ ଆପଣ ସ.ଅ ଉଠିଲେ ନାହିଁ । ପରିଶେଷରେ ସିନ୍ଦୁରା ଫାଟିଲା (ଅର୍ଥାତ ପ୍ରତ୍ୟୁଷର ଆଲୋକ ଦୃଶ୍ୟମାନ ହୋଇଗଲା) । ଏହାପରେ ଆପଣ ସ.ଅ ବାହାରକୁ ଆସିଲେ ଓ ମୁସଲମାନମାନଙ୍କୁ ନମାଜ ପାଠ କରାଇଲେ । ହ. ଉମ୍ମେ ସଲ୍ମା ର.ଅ ବର୍ଣ୍ଣନା କରୁଥିଲେ ଯେ, ଅଲ୍ଲାଃତାଲା ଅବ୍ବାଦ୍ ବିନ୍ ବିଶରଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଓ ସେ ରସୁଲ୍ କରୀମ୍ ସ.ଅଙ୍କ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ସାହାବି ଅଟନ୍ତି ଯେକି ସର୍ବାଧିକ ରୂପେ ଆଁହଜରତ ସ.ଅଙ୍କ ଶିବିରରେ ସଂଶ୍ଳୀଷ୍ଟ ହୋଇ ରହିଥିଲେ ଏବଂ ସର୍ବଦା ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ । (କିତାବୁଲ୍ ମୁଗାଜି ଲିଲ୍ ୱାକିଦି, ଭାଗ-1, ପୃ-396-397, ଗଜୱାତୁଲ୍ ଖନ୍ଦକ୍, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ପ୍ରକାଶନ ବର୍ଷ-2013 ମସିହା)

ହ. ଆଏଶା ର.ଅ ବର୍ଣ୍ଣନା କରୁଥିଲେ ଯେ, ଅନ୍ସାରମାନଙ୍କ ମଧ୍ୟରୁ ତିନି ଜଣ ବ୍ୟକ୍ତିଙ୍କର ଶ୍ରେଷ୍ଠତାରେ ଉତ୍ତର ନଥିଲା ବା ପଟ୍ଟାନ୍ତର (ଅର୍ଥାତ ତିନି ବ୍ୟକ୍ତି ସର୍ବଶ୍ରେଷ୍ଠ ବ୍ୟକ୍ତି ଥିଲେ) ଅର୍ଥାତ "ହ. ଉସେଦ୍ ବିନ୍ ଅଲ୍ ହୁଜୈର୍, ହ. ସାଆଦ୍ ବିନ୍ ମୁଆଜ୍ ଓ ହ. ଅବ୍ବାଦ୍ ବିନ୍ ବିଶର୍ ।"

କିବ୍ଲା ପରିବର୍ତ୍ତନ ସଂକ୍ରାନ୍ତରେ ବର୍ଣ୍ଣନା ରହିଛି, ତହିଁରେ ହ. ଅବ୍ବାଦ୍ ବିନ୍ ବିଶରଙ୍କ ନାମ ମଧ ଆସିଥାଏ । ସୁତରାଂ ହ. ତୁୱୈଲା ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ବନୁ ହାରିସା ସଂପ୍ରଦାୟରେ ନମାଜ ଜୋହୋର୍ ଓ ଅସର୍ ପାଠ କରୁଥିଲୁ ଓ ଦୁଇ ରେକାତ୍ ନମା ବୈତୁଲ୍ ମୁକଦ୍ଦସ୍ ଆଡ଼କୁ ମୁହଁ କରି ପାଠ କରିଥିଲୁ କି ଜଣେ ବ୍ୟକ୍ତି ଆସିଲା ଓ ସେ ଆସି ଆମମାନଙ୍କୁ କହିଲା କି ମସ୍ଜିଦେ ହରାମ୍ ଆଡ଼କୁ କିବ୍ଲା କରି ଦିଆଯାଇଛି । ଏହାପରେ ଆମେମାନେ ନିଜର ସ୍ଥାନ ପରିବର୍ତ୍ତନ କରିନେଲୁ ଓ ପୁରୁଷ ଓ ମହିଳାମାନଙ୍କର ସ୍ଥାନ ସ୍ଥାନାନ୍ତରିତ ହୋଇଗଲା। ମହିଳାମାନେ ପୁରୁଷମାନଙ୍କ ସ୍ଥାନରେ ଓ ପୁରୁଷମାନେ ମହିଳାମାନଙ୍କ ସ୍ଥାନ ଆଡ଼କୁ ମୁହାଁ ହୋଇ ନମାଜ ପଠା କଲେ । ଏକ ବର୍ଣ୍ଣନାନୁଯାୟୀ ସେହି ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କ ନାମ ହେଉଛି ହ. ଅବ୍ବାଦ୍ ବିନ୍ ବିଶର୍ ବିନ୍ କୈଜି ର.ଅ ଥିଲା, ଯେକି ବନୁ ହାରିସା ସହିତ ସଂପର୍କ ରଖୁଥିଲେ । ଅପର ପକ୍ଷେ ପରସ୍ପର କଥନାନୁଯାୟୀ ଏହି ବ୍ୟକ୍ତି ଅବ୍ବାଦ୍ ବିନ୍ ବିଶର ବିନ୍ ୱକିଶ୍ ଥିଲେ ଯିଏ ବନୁ ଅବ୍ଦେ ଅଲ୍ ଅଶ୍ହଲ୍ ସଂପ୍ରଦାୟର ବ୍ୟକ୍ତି ଥିଲେ ।

**(ଉସ୍ଦୁଲ୍ ଗାବା ଫି ମାଆରିଫତୁସ୍ ସାହାବା, ଭାଗ-3, ପୃ-148-149, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ସେରେ ଆଲାମୁନ୍ ନବ୍ଲା ଲିଉଜ୍ଜୁଜ ଜହବି, ଭାଗ-1, ପୃ-339, ଅବ୍ବାଦ୍ ବିନ୍ ବିଶର୍, ଅର୍ ରିସାଲତୁଲ୍ ଆଲମିୟତୁଲ୍ ତବ୍ଅତୁସ୍ ସାନିୟାହ୍ 2014 ମସିହା)**

ସୁଲାହ୍ ହୁଦୈବୀୟ ଅବସରରେ ମକ୍କାର କୁରେଶ୍ମାନଙ୍କ ପକ୍ଷରୁ ସୁହୈଲ୍ ବିନ୍ ଅମ୍ର ନବୀ କରୀମ୍ ସ.ଅଙ୍କ ସହିତ କଥାବାର୍ତ୍ତା ଉଦ୍ଦେଶ୍ୟରେ ଆସିଥିଲା । ତେବେ ସେତେବେଳେ ମଧ ହ. ଅବ୍ବାଦ୍ ବିନ୍ ବିଶର୍ ର.ଅ ଆଁହଜରତ ସ.ଅଙ୍କ ନିକଟରେ ଲୌହ ସାଞ୍ଜୁ ପରିଧାନ କରି ଛିଡ଼ା ହୋଇଥିଲେ ଏବଂ ଆପଣ ର.ଅଙ୍କ ସହିତ ଆଉ ଜଣେ ସାହାବି ହ. ସଲ୍ମା ବିନ୍ ଅସଲମ୍ ମଧ ଥିଲେ । ବାର୍ତ୍ତାଳାପ ସମୟରେ ଯେତେବେଳେ ସୁହୈଲ୍ଙ୍କ ସ୍ୱର ଉଚ୍ଚ ହେଲା ସେତେବେଳେ ହ. ଅବ୍ବାଦ୍ ବିନ୍ ବିଶର୍ ତା'କୁ କହିଲେ, ଆଁହଜରତ ସ.ଅଙ୍କ ନିକଟରେ ତୁମେ ନିଜର ସ୍ୱର ଧୀରେ ରଖ ।

**(ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-52, ବାବୁ ଜିକ୍ରୁଲ୍ ହଦ୍ନତୁ ୱ**


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

**କୈଫିୟସ୍ ସୁଲହୁ ୟୌମୁଲ୍ ହୁଦୈବିୟାହ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ହ. ଅବ୍ବାଦ୍ ବିନ୍ ବିଶର୍ ପ୍ରତ୍ୟେକ ଯୁଦ୍ଧରେ ଅଂଶ ଗ୍ରହଣ କରୁଥିଲେ । ସୁତରାଂ ଉୟେନା ବିନ୍ ହିସନ୍ ଫଜାରି, ବନୁ ଗତ୍ଫାନ୍‌ର କେତେକ ଅଶ୍ୱାରୋହୀଙ୍କ ସହିତ ଗାବା ଉପରେ ଆକ୍ରମଣ କଲେ ଯେଁଉଠି ନବୀ କରୀମ୍ ସ.ଅଙ୍କ ଦୁଧିଆଳୀ ଓଟୁଣୀ ଚରୁଥିଲେ । ତେବେ ସେମାନେ ଓଟୁଣୀର ନିରୀକ୍ଷକ ଭାବରେ ନିଯୁକ୍ତ ହୋଇଥିବା ବ୍ୟକ୍ତିଙ୍କୁ ହତ୍ୟା କରିଦେଲେ ଓ ତା'ର ସ୍ତ୍ରୀ ଏବଂ ଆଁହଜରତ୍ ସ. ଅଙ୍କ ଓଟୁଣୀମାନଙ୍କୁ ସେମାନେ ଅପହରଣ କରି ନିଜ ସାଥିରେ ନେଇଗଲେ। ମଦିନାରେ ଯେତେବେଳେ ଏହି ସୂଚନା ପ୍ରାପ୍ତ ହେଲା ଏବ ଚହଳ ପଡ଼ିଲା ସେତେବେଳେ ଅଶ୍ୱାରୋହୀମାନେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେବାକୁ ଲାଗିଲେ । ବର୍ଣ୍ଣନାରେ ଚର୍ଚ୍ଚା ରହିଛି ଯେ, ଅନ୍‌ସାରମାନଙ୍କ ମଧ୍ୟରୁ ହ. ମିକ୍‌ଦାଦ୍ ବିନ୍ ଅସୱଦ୍ ର.ଅଙ୍କ ପରେ ସର୍ବ ପ୍ରଥମେ ହ. ଅବ୍ବାଦ୍ ବିନ୍ ବିଶର ର.ଅ ନବୀ କରୀମ୍ ସ.ଅଙ୍କ ନିକଟରେ ପହଞ୍ଚିଲେ । **(ଅସ୍‌ସିରତୁନ୍ ନବୱୀୟାହ୍ ଲିଇବ୍‌ନି ହିଶ୍ଶାମ୍, ଭାଗ-3-4, ପୃ-174-175, ଜି କର୍ଦ୍ ଯୁଦ୍ଧ, ଦାରୁଲ୍ କିତାବୁଲ୍ ଅରବି, ବୈରୁତ୍, ପ୍ରକାଶନ ବର୍ଷ-2008 ମସିହା)**

ଉକ୍ତ ଅଭିଯାନଟି ଜିକର୍ଦ୍ ନାମରେ ଖ୍ୟାତ ଅଟେ । ଏହାର ବିସ୍ତୃତ ବିବରଣୀ ସହୀ ବୁଖାରୀରେ ମଧ୍ୟ ବର୍ଣ୍ଣିତ ହୋଇଛି । ୟଜିଦ୍ ବିନ୍ ଅବି ଉବୈଦ୍ ବର୍ଣ୍ଣନା କରନ୍ତି ଯେ, ସେ କହିଲେ: ମୁଁ ହ. ସଲମା ବିନ୍ ଅକ୍‌ୱାଙ୍କ ଠାରୁ ଶୁଣିଛି, ସେ କହୁଥିଲେ ଯେ, ମୁଁ ଫଜରର ଅଜାନ୍ ପୂର୍ବରୁ ମଦିନାରୁ ବାହାରି ଗାବା ଅଭିମୁଖେ ଗଲି । ରସୁଲୁଲ୍ଲାଃ ସ.ଅଙ୍କ ଦୁଧିଆଳୀ ଉଟୁଣୀ ଜିକର୍ଦ୍ ନାମକ ସାଥନରେ ଚରୁଥିଲେ । ଅତଃ ଅବ୍ଦୁର୍ ରହେମାନ୍ ବିନ୍ ଔଫଙ୍କ ଏକ ପୁତ୍ର ମୋତେ ମାର୍ଗରେ ଭେଟ ହେଲା । ସେ କହିବାକୁ ଲାଗିଲା ଯେ, ଅବଜ୍ଞାକାରୀମାନେ ଆଁହଜରତ ସ.ଅଙ୍କ ଉଟୁଣୀମାନଙ୍କୁ ଅପହରଣ କରି ନେଇ ଯାଇଛନ୍ତି ? ମୁଁ କହିଲି (ୟଜିଦ୍) କିଏ ଅପହରଣ କରି ନେଇଯାଇଛି ? ସେ କହିଲା, ଗତ୍ଫାନ୍‌ର ଲୋକମାନେ। ୟଜିଦ୍ କହୁଥିଲେ ଯେ, ମୁଁ ଏକଥା ଶୁଣିବା ମାତ୍ରେ ମୁଁ یا صباحاه ର ଡାକ ତିନିଥର ଦେଲି ଓ ସେମାନଙ୍କ ପର୍ଯ୍ୟନ୍ତ ଏହି ସ୍ୱର ପହଞ୍ଚିଗଲା ଯିଏ ମଦିନାର ପ୍ରଥୁରିଆ ଭୂମିରେ ଥିଲେ। ପୁନଶ୍ଚ ନିଜ ସମ୍ମୁଖରେ ସହସା ଦଉଡ଼ି ପଡ଼ିଲେ । ଏପର୍ଯ୍ୟନ୍ତ କି ସେମାନଙ୍କର ଲୁଣ୍ଠନକାରୀମାନଙ୍କୁ ଧରି ପକାଇଲେ । ସେମାନେ ସେତେବେଳେ ସେହି ପାଳିତ ପଶୁମାନଙ୍କୁ ଜଳ ପାନ କାଇବାକୁ ଯାଉଥିଲେ । ମୁଁ ସେମାନଙ୍କୁ ତୀର ଦ୍ୱାରା ଲକ୍ଷ୍ୟ ସାଧନ କଲି ଓ ମୁଁ ଭଲ ଧନୁର୍ଦ୍ଧରଟିଏ ଥିଲି ଏବଂ ଏହି ପଦ କହିଯାଉଥିଲି ଯେ, **ମୁଁ ଅକୱାର ପୁତ୍ର ଅଟେ, ଆଜି ହେଉଛି ସେହି ଦିନ ଯହିଁରେ ଜ୍ଞାତ ହୋଇଯିବ ଯେ, କ୍ଷୀର ପାନ କରାଉଥିବା ମହିଳାମାନେ କାହାକୁ କ୍ଷୀର ପାନ କରାଇଛନ୍ତି ?** ମୁଁ ଗର୍ଜନ ଓ ହୁଂକାର କରି ଏହି ପଦ ପାଠ କରୁଥିଲି । ଏପର୍ଯ୍ୟନ୍ତ କି ସେମାନଙ୍କ ଠାରୁ ସମସ୍ତ ଦୁଧିଆଳୀ ଉଟୁଣୀ ଛଡ଼ାଇ ଆଣିଲି ଓ ସେମାନଙ୍କ ଠାରୁ 30 ଖଣ୍ଡ ଚଦର ମଧ୍ୟ ଛଡ଼ାଇ ଆଣିଲି । ସେ କହୁଥିଲେ ଯେ, ମୁଁ ଏହି ଅବସ୍ଥାରେ ଥିଲି କି ନବୀ କରୀମ୍ ସ.ଅ ଅନ୍ୟ ଲୋକମାନଙ୍କ ସହିତ ଆସି ସେଠାରେ ପହଞ୍ଚିଗଲେ । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସେମାନଙ୍କୁ ଜଳପାନ କରିବାକୁ ଦେଲି ନାହିଁ । ସେମାନେ ତୃଷାର୍ତ୍ତ (ଶୋଷିଲା) ହୋଇଥିଲେ। ଆପଣ ସ.ଅ ସେମାନଙ୍କ ଆଡ଼କୁ ସୈନ୍ୟ ଦଳ ପ୍ରେରଣ କଲେ । ଆପଣ ସ.ଅ କହିଲେ: ହେ ଅକ୍‌ୱାଙ୍କ ସୁପୁତ୍ର ! ତୁମେ ସେମାନଙ୍କୁ କାବୁ କରି ନେଇଛ । ତେଣୁ ତୁମେ ସେମାନଙ୍କ ପ୍ରତି ନମନୀୟତା ଆଚରଣ ପ୍ରଦର୍ଶନ କର । ହ. ଅକ୍‌ୱା ର.ଅ କହୁଥିଲେ ଯେ, ଆମେମମାନେ ପୁନଶ୍ଚ ଫେରି ଆସିଲୁ ଓ ରସୁଲୁଲ୍ଲାଃ ସ.ଅ ମୋତେ ନିଜ ପଛରେ ନିଜର ଓଟ ଉପରେ ବସାଇ ନେଲେ ଏବଂ ଆମେମାନେ ଏହି ଅବସ୍ଥାରେ ହିଁ ମଦିନାରେ ପ୍ରବେଶ କଲୁ ।

**(ସହିହୁଲ୍ ବୁଖାରୀ, କିବାତୁଲ୍ ମୁଗାଜି, ବାବ୍- ଗଜ୍‌ୱାତୁ ଜାତୁଲ୍ କର୍ଦ୍, ହଦିସ୍ ନଂ-4194)**

**ତ୍ରୟୋଦଶ** ସାହାବି ହେଉଛନ୍ତି ହ. ହାତିବ୍ ବିନ୍ ଅବି ବଲ୍‌ତା ର.ଅ । ହ. ହାତିବ୍ ର.ଅଙ୍କର ବିୟୋଗ ତିରିଶି ହିଜ୍ରୀରେ ୬୫ ବର୍ଷ ବୟସରେ ମଦିନାରେ ହୋଇଥିଲା ଏବଂ ହ. ଉସ୍‌ମାନ୍ ର.ଅ ତାଙ୍କର ନମାଜ ଯନାଜାଃ ପଢାଇଥିଲେ ।

**(ଅତ୍ ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-3, ପୃ-84, ଓମିନ୍ ହୁଲଫାଇ ବନି ଅସଦ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍-1990 ମସିହା)**

ତାଙ୍କ ସଂକ୍ରାନ୍ତରେ ଅତିରିକ୍ତ ଉଲ୍ଲେଖ ରହିଛି ଯେ, ହ. ଅବୁ ବକର ର.ଅ ମଧ୍ୟ ଆପଣଙ୍କୁ ମକୋକସ୍ ସମ୍ରାଟ୍ ନିକଟକୁ ମିଶର ଦେଶ ପ୍ରେରଣ କରିଥିଲେ ଓ ଏହି ସନ୍ଧି ତଥା ଚୁକ୍ତି ସ୍ୱାକ୍ଷରିତ କଲେ ଯାହାକି ହ. ଅମ୍ର ବିନ୍ ଆସ୍ ର.ଅଙ୍କ ମିସର ଉପରେ ଆକ୍ରମଣ ପର୍ଯ୍ୟନ୍ତ ଉଭୟ ପକ୍ଷଙ୍କ ମଧ୍ୟରେ ବଳବତ୍ତର ରହିଥିଲା ।

**(ଅଲ୍ ଇସ୍ତିଆବୁ ଫି ମାଆରିଫତୁଲ୍ ଅସ୍‌ହାବ୍, ଭାଗ-1, ପୃ-314, ହାତିବ୍ ବିନ୍ ଉବୈ ବଲ୍‌ତା), ଅଲ୍ ଲଖ୍‌ମିଉ, ଦାରୁଲ୍ ଜମିଲ୍, ବୈରୁତ୍-1992 ମସିହା)**

ହ. ହାତିବ୍ ର.ଅ ସ୍ୱୟଂ ସୁନ୍ଦର ଓ ସୁଗଠିତ ଶରୀରର ଅଧିକାରୀ ଥିଲେ । ତାଙ୍କର ସ୍ୱଳ୍ପ ଦାଢି ଥିଲା । ବେକ ଆନତ ଥିଲା, ଗେଡ଼ା ବ୍ୟକ୍ତି ଓ ଆଙ୍ଗୁଠିଗୁଡ଼ିକ ମୋଟୋ ମୋଟା ଥିଲା । ୟାକୁବ୍ ବିନ୍ ଅତ୍‌ବା ବର୍ଣ୍ଣନା କରନ୍ତି ଯେ, ହାତିବ୍ ବିନ୍ ଅବି ବଲ୍‌ତା ର.ଅ ନିଜର ମୃତ୍ୟୁ ଦିନ ୪ ହଜାର ଦିନାର ଓ ଦିରହମ୍ ସମ୍ପତ୍ତି ଛାଡ଼ି ଯାଇଥିଲେ । ଆପଣ ଶସ୍ୟ ବେପାରୀ ଥିଲେ ଓ ନିଜ ପଛରେ ମଦିନାରେ ଅମାପ ସମ୍ପତ୍ତି ଛାଡ଼ି ଯାଇଥିଲେ ।

**(ଅତ୍ ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-3, ପୃ-85, ଓମିନ୍ ହୁଲଫାଇ ବନି ଅସଦ୍, ଦାରୁଲ୍ କୁତୁବୁଲ୍ ଇଲମିୟହ୍, 1990 ମସିହା)**

ହ. ଜାବିର୍ ବର୍ଣ୍ଣନା କରନ୍ତି ଯେ, ଏକଦା ହାତିବ୍‌ଙ୍କ ଏକ ଦାସ ଆଁହଜରତ ସ.ଅଙ୍କ ନିକଟରେ ଆପଣ ର.ଅଙ୍କ ବିରୁଦ୍ଧରେ ଅଭିଯୋଗ ନେଇ ହାଜର ହେଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହାତିବ୍ ଅବଶ୍ୟ ନର୍କଗାମୀ ହେବେ । ଆପଣ ସ.ଅ କହିଲେ ତୁ ମିଛ କହିଛୁ । ସେ କଦାପି ନର୍କଗାମୀ ହେବ ନାହିଁ । କାରଣ ସେ ବଦର୍ ଯୁଦ୍ଧ ଏବଂ ସୁଲାହ୍ ହୁଦୈବିୟାରେ ସାମିଲ ହୋଇଥିଲେ ।

**(ସୁନନ୍ ତିର୍ମିଜି, ଅବ୍‌ୱାବୁଲ୍ ମନାକିବି, ବାବୁ ଫିମନ୍ ସବ୍‌ଉ ଅସ୍‌ହାବିନ୍ ନବୀ ସ.ଅ, ହଦିସ୍ ନଂ-3864)**

ହ. ସଇଦ୍ ବିନ୍ ମୁସୈବ୍ ର.ଅ କୁହନ୍ତି ଯେ, ହ. ଉମର୍ ର.ଅ ହ. ହାତିବ୍ ବିନ୍ ଅବି ବଲ୍‌ତାଙ୍କ ପାଖ ଦେଇ ଅତିକ୍ରମ କଲେ । ସେ ବଜାରରେ କିଶ୍‌ମିଶ୍ ବିକ୍ରି କରୁଥିଲେ। ହ. ଉମର୍ ର.ଅ କହିଲେ, ହେ ବଲ୍‌ତା ! ତୁମେ ନିଜ କିଶ୍‌ମିଶ୍‌ର ମୂଲ୍ୟ ବୃଦ୍ଧି କର ନତୁବା ଆମ ବଜାରରୁ ଉଠି ଅନ୍ୟତ୍ର ଚାଲି ଯାଅ । ଅତିରିକ୍ତ ଉଲ୍ଲେଖ ରହିଛି ଯେ, ହ. ଇମାମ୍ ଶାଫିଇ ର.ଅ ବର୍ଣ୍ଣନା କରନ୍ତି ଯେ, କାସିମ୍ ବିନ୍ ମୁହମ୍ମଦ୍ କୁହନ୍ତି ଯେ, ହ. ଉମିର ର.ଅ ଇଦ୍‌ଗାହ୍ ବଜାରରେ ହ. ହାତିବ୍ ବିନ୍ ବଲ୍‌ତାଙ୍କ ନିକଟ ଦେଇ ଅତିକ୍ରମ କଲେ । ତାଙ୍କ (ବଲ୍‌ତାଙ୍କ) ସମ୍ମୁଖରେ ଦୁଇ ଟୋକେଇ କିଶ୍‌ମିଶ୍ ବୋଝେଇ ହୋଇ ରହିଥିଲା । ହ. ଉମର୍ ର.ଅ ତାଙ୍କୁ ବଜାର ଦର ସଂପର୍କରେ ପଚାରିଲେ । ବଲ୍‌ତା ର.ଅ କହିଲେ, ଦୁଇ ମୁଦ୍ ଏକ ଦିରହମରେ ଦେଉଛି (ଅର୍ଥାତ ବିକ୍ରି କରୁଛି) । ହ. ଉମର୍ ର.ଅ ବଲ୍‌ତାଙ୍କୁ କହିଲେ, ମୋତେ ତାଏଫରୁ ଆସୁଥିବା ପ୍ରତିନିଧି ମଣ୍ଡଳ ସଂର୍କରେ କୁହାଯାଇଛି ଯେ, ସେମାନେ ଆପଣଙ୍କ ବଜାର ଦର ଉପରେ ବିଶ୍ୱାସ କରନ୍ତି । ତେଣୁ ଆପଣ ର.ଅ (ଅର୍ଥାତ ବଲ୍‌ତା) ନିଜର ବଜାର ଦରକୁ ବୃଦ୍ଧି କରନ୍ତୁ ନତୁବା ଘରେ ବସି ଯେପରି ଚାହୁଁଛନ୍ତି ସେପରି ବିକ୍ରି କରନ୍ତୁ କିଛି ଆପତ୍ତି ନାହିଁ । ସୁତରାଂ ହ. ଉମର୍ ର.ଅ ଯେତେବେଳେ ଘରକୁ ଆସିଲେ ଓ ଭାବି ଚିନ୍ତି ପୁନଶ୍ଚ ହ. ହାତିବ୍ ବିନ୍ ବଲ୍‌ତାଙ୍କ ଘରେ ତାଙ୍କୁ ସାକ୍ଷାତ କରିବା ପାଇଁ ଗଲେ ଓ ତାଙ୍କୁ କହିଲେ, ହେ ହାତିବ୍ ବିନ୍ ବଲ୍‌ତା ! ମୁଁ ଆପଣ ର.ଅଙ୍କୁ ଯାହା କିଛି କହିଥିଲି ତାହା ମୋ ପକ୍ଷରୁ ବାଧ୍ୟତାମୂଳକ ନୁହଁ ଓ ନା ହିଁ ମୋ ପକ୍ଷରୁ ସେହି ନିର୍ଣ୍ଣୟଟି ଚୂଡ଼ାନ୍ତ ଥିଲା । ମୁଁ ଏହି କଥା କେବଳ ସହରର ନାଗରିକମାନଙ୍କ ହିତକୁ ଦୃଷ୍ଟିରେ ରଖି କହିଥିଲି । ଆପଣ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

**ନବୀ ସ.ଅଙ୍କ ବାଣୀ**

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱ୍ୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ର.ଅ ଯେଉଁଠି ଚାହିଁବେ ସେଠାରେ ନିଜ ସମାଗ୍ରୀ ବିକ୍ରି କରନ୍ତୁ ଓ ଯେତେ ଚାହିଁବେ ସେତେ ବିକି ପାରିବେ । **(ଅସ୍ ସୁନନୁଲ୍ କୁବ୍ରା, ଲିଲ୍ ବହିକି, ଭାଗ-6, ହଦିସ୍ ନଂ-11146, ଜିମଆ ଅବ୍ୱାବୁସ୍ ସଲମ୍, ବାବୁତ୍ ତସ୍‌ଇର୍, ପୃ-48, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍-2003 ମସିହା)**

ତତ୍‌ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, "ରସୁଲ୍ କରୀମ୍ ସ.ଅଙ୍କ କାଳରେ ମଦିନା ମୁନଓରାହ୍‌ରେ ବଜାର ଦର ଉପରେ ଇସ୍‌ଲାମୀୟ ଶାସନର ଅଧିକାର ନିୟନ୍ତ୍ରଣ ଥିଲା । ସୁତରାଂ ହଦିସ୍‌ମାନଙ୍କରେ ଉଲ୍ଲେଖ ରହିଛି ଯେ, ହ. ଉମର୍ ର.ଅ ଏକଦା ମଦିନାର ବଜାରରେ ବୁଲୁଥିଲେ କି ଆପଣ ର.ଅ ଦେଖିଲେ, ହାତିବ୍ ବିନ୍ ବଲ୍‌ତା ଅଲ୍ ମୁସଲ୍ଲି ନାମକ ଜଣେ ବ୍ୟକ୍ତି ବଜାରରେ ଦୁଇ ବସ୍ତା ଅଙ୍ଗୁର ଧରି ବସିଥିଲେ । ହ. ଉମର୍ ର.ଅ ତାଙ୍କୁ ଅଙ୍ଗୁରର ମୂଲ୍ୟ ପଚାରିଲେ ତେବେ ସେ ଏକ ଦିରହମ୍ ଦୁଇ ମୁଦ୍ (ଆରବୀୟ ବସ୍ତୁ ମାପକ) ବୋଲି କହିଲେ। ଏହି ମୂଲ୍ୟ ବଜାର ଦର ଠାରୁ ବହୁତ୍ ଶସ୍ତା ଥିଲା । ଅତଃ ଆପଣ ର.ଅ (ହ. ଉମର୍ ର.ଅ) ହ. ହାତିବ୍ ବିନ୍ ବଲ୍‌ତା ର.ଅଙ୍କୁ ଆଦେଶ ଦେଲେ ଯେ, ହେ ହାତିବ୍! ଆପଣ ନିଜ ଘରେ ଯାଇ ନିଜର ସାମଗ୍ରୀ ବିକ୍ରି କରନ୍ତୁ । ଆପଣ ବଜାରରେ ଏଭଳି ଶସ୍ତାରେ ବିକ୍ରି କରିପାରିବେ ନାହିଁ । କାରଣ ଏପରି କଲେ ବଜାର ଦର ବିଗିଡ଼ିବାର ଆଶଙ୍କା ରହିଛି ଓ ଲୋକମାନେ ବଜାରର ଦୋକାନୀମାନଙ୍କ ଉପରେ କୁଧାରଣା ସୃଷ୍ଟି ହୋଇଥାଏ ।" "ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ଫୁକ୍‌ହା (ଧାର୍ମିକ ବୁଦ୍ଧିଜୀବି ବା ବିଦ୍ୱାନ୍) ଏହା ଉପରେ ଅନେକ ବିତର୍କ କରିଛନ୍ତି । କେତେକ ଫୁକ୍‌ହା ଏପରି ବର୍ଣ୍ଣନା ମଧ୍ୟ ଅବିକଳ ଉଲ୍ଲେଖ କରିଛନ୍ତି ଯେ, ପରବର୍ତ୍ତୀ ସମୟରେ ହ. ଉମର୍ ର.ଅ ନିଜର ଚିନ୍ତାଧାରାରୁ ଓହରି ଯାଇଥିଲେ । କିନ୍ତୁ ସାମୂହିକ ରୂପେ ଫୁକ୍‌ହାମାନେ ହ. ଉମର୍ ର.ଅଙ୍କ ରାଏକୁ ଏକ ବାସ୍ତବ କାର୍ଯ୍ୟାନୁସରଣାତ୍ମକ ରୂପେ ଗ୍ରହଣ କରିଛନ୍ତି ଓ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଇସ୍‌ଲାମୀୟ ସରକାରଙ୍କ ଏହି ଦାୟିତ୍ୱ ରହିଛି ଯେ, ସେ ଦର ଦାମ ଧାର୍ଯ୍ୟ କରନ୍ତୁ ଅନ୍ୟଥା ଜାତିର ଚରିତ୍ର ଏବଂ ବିଶ୍ୱସ୍ତତାରେ ତାରତମ୍ୟ ପରିଲକ୍ଷିତ ହେବ । କିନ୍ତୁ ଏହି ପ୍ରସଙ୍ଗ ସ୍ମରଣ ରଖିବା ଉଚିତ ଯେ, ଏଠାରେ ସେହି ସାମଗ୍ରୀର ଚର୍ଚ୍ଚା ରହିଛି ଯାହାକି ମଣ୍ଡିକୁ ଅଣାଯାଇଥାଏ । ଯେଉଁ ସମାଗ୍ରୀ ବା ଖାଦ୍ୟ ପଦାର୍ଥ ମଣ୍ଡିକୁ ଅଣାଯାଏ ନାହିଁ ତାହା ଏକକ ରୂପେ ମର୍ଯ୍ୟାଦା ରୂପେ ପରିଚିତ । ତେଣୁ ଏଠାରେ ସେଗୁଡ଼ିକର ଚର୍ଚ୍ଚା ହୋଇ ନାହିଁ । ସୁତରାଂ ଯେଉଁ ସବୁ ବସ୍ତୁ, ସାମଗ୍ରୀ ବା ଖାଦ୍ୟ ପଦାର୍ଥ ମଣ୍ଡିକୁ ଅଣାଯାଇଥାଏ ଏବଂ ବିକ୍ରି କରାଯାଇଥାଏ ତତ୍‌ସଂପର୍କରେ ଇସଲାମ୍ ଧର୍ମର ଏହି ସ୍ପଷ୍ଟ ଆଦେଶ ରହିଛି ଯେ, ଏକ ମୂଲ୍ୟ ବା ଦର ନିର୍ଦ୍ଧାରିତ ହେବା ଉଚିତ୍ । କାରଣ ଅନ୍ୟ କୌଣସୀ ଦୋକାନୀ ଯେପରି ଦରରେ ଉଣା ଅଧିକେ କରିପାରିବ ନାହିଁ । ସୁତରାଂ କେତେକ ଲକ୍ଷଣ ଓ ଆହାଦିସ୍ ମଧ୍ୟ ଫୁକ୍‌ହାମାନେ ଉଲ୍ଲେଖ କରିଛନ୍ତି ଯହିଁରୁ ଏହାର ସମର୍ଥନ ଓ ପୁଷ୍ଟି ହୋଇଥାଏ ।"

**(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-19, ପୃ-307-308, ଖୁତ୍‌ବା-10 ଜୁନ୍ 1938 ମସିହା)**

ଏଠାରେ ପୁନଶ୍ଚ ପ୍ରତିଯୋଗୀତାରେ ପରସ୍ପରକୁ ହାନୀ ପହଞ୍ଚଇବା ପାଇଁ ପ୍ରୟାସ ଲୋକମାନେ କରିଥାନ୍ତି । ତେଣୁ ଗୋଟିଏ ପ୍ରକାରର ମୂଲ୍ୟ ବା ଦର ହେବା ଉଚିତ୍ । ବନୁ ମୁସ୍ତଲକ୍ ପାଞ୍ଚ ହିଜ୍ରୀରୁ ଫେରିବା ପରେ ରସୁଲ୍ କରୀମ୍ ସ.ଅ ନକିଇ ସ୍ଥାନ ଦେଇ ଅତିକ୍ରମ କଲେ ତେବେ ସେଠାରେ ବିସ୍ତୀର୍ଣ୍ଣ ଅଞ୍ଚଳ ଓ ଘାସ ଦେଖିଲେ ତଥା ଅନେକ କୂପ ମଧ୍ୟ ଦେଖିଲେ । ଅତଃ ଆପଣ ସ.ଅ ସେହି କୂପଗୁଡ଼ିକର ସଂପର୍କରେ ପଚାରିଲେ । ତେବେ ଆପଣ ସ.ଅଙ୍କୁ କୁହାଗଲା ଯେ, ହେ ଅଲ୍ଲାଃ ରସୁଲୁଲ୍ଲାଃ ସ.ଅ ! ଆମେମାନେ ଯେତେବେଳେ କୂପଗୁଡ଼ିକର ପ୍ରଶଂସା କରିଥାଉ ସେତେବେଳେ ସେହି କୂପଗୁଡ଼ିକରେ ଜଳ ସ୍ୱଚ୍ଛ ହୋଇଥାଏ ଏବଂ କୂପଗୁଡ଼ିକ ସ୍ଥିର ଥାଆନ୍ତି । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ ହ. ହାତିବ୍ ବିନ୍ ଅବି ବଲ୍‌ତା ର.ଅଙ୍କୁ ଆଦେଶ ଦେଲେ ଯେ, ସେ କୂପ୍ ଖନନ କରନ୍ତୁ । ଆପଣ ସ.ଅ ନକିଙ୍କୁ ଚାରଣ ବା ଗୋଚର ଭୂମି ପ୍ରସ୍ତୁତ କରିବା ନିମନ୍ତେ ଆଦେଶ ଦେଲେ । ହ. ବିଲାଲ୍ ବିନ୍ ହାରିସ୍ ମୁଜ୍‌ନି ର.ଅଙ୍କୁ ଏହାର ନିରୀକ୍ଷକ ରୂପେ ନିଯୁକ୍ତ କଲେ । ହ. ବିଲାଲ୍ ର.ଅ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଏହି ଭୂମି ମଧ୍ୟରୁ କେତେ ଜମିକୁ ଚାରଣ ବା ଗୋଚର ଭୂମି କରିବି ? ଆପଣ ସ.ଅ କହିଲେ: ଯେତେବେଳେ ସୂର୍ଯ୍ୟୋଦୟ ହୋଇଯାଏ ସେତେବେଳେ ଜଣେ ଉଚ୍ଚ ସ୍ୱର ବ୍ୟକ୍ତିକୁ ଛିଡ଼ା କର । ରାତ୍ରର ଅନ୍ଧକାରରେ ଦୂର ପର୍ଯ୍ୟନ୍ତ ସ୍ୱର ଶୁଭିଥାଏ ଏବଂ ବ୍ୟାପୀ ଥାଏ । ତେଣୁ ଦିନବେଳା ଯେତେବେଳେ ମଧାହ୍ନ ସମୟ ଆସିଯାଏ ସେତେବେଳେ ଜଣେ ବ୍ୟକ୍ତିକୁ ଛିଡ଼ା କର । ପୁନଶ୍ଚ ତା'କୁ ମୁକମ୍ମଲ୍ ନାମକ ପର୍ବତ ଉପରେ ଛିଡ଼ା କରାଇ ତା'ର ସ୍ୱର ଯେଉଁ ପର୍ଯ୍ୟନ୍ତ ପହଞ୍ଚି ପାରୁଥିବ ସେତିକି ଅଂଶକୁ ମୁସଲମାନମାନଙ୍କର ଅଶ୍ୱମାନଙ୍କ ପାଇଁ ଓଟମାନଙ୍କ ପାଇଁ ଚାରଣ ବା ଗୋଚର ଭୂମି କରିଦିଅ ଏହି ଗୋଚର ଭୂମି ମାଧ୍ୟମରେ ମୁସଲମାନମାନେ ଜିହାଦ୍ (ଧର୍ମଯୁଦ୍ଧ) କରିପାରିବେ । ଅର୍ଥାତ ଜିହାଦ୍ ନିମନ୍ତେ ମୁସଲମାନମାନଙ୍କର ଯେଉଁ ଅଶ୍ୱ ଓ ଓଟ ଅଛନ୍ତି ସେମାନେ ସେହି ଗୋଚର ଭୂମିରେ ଚରି ପାରିବେ । ହ. ବିଲାଲ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ସ.ଅ ! ମୁସଲମାନମାନଙ୍କ ଚରୁଥିବା ଜୀବମାନଙ୍କ ସଂପର୍କରେ କ'ଣ ମତାମତ ରହିଛି ? ଆପଣ ସ.ଅ କହିଲେ: ସେମାନେ ତହିଁରେ ପ୍ରବେଶ କରିବେ ନାହିଁ । କେବଳ ଜିହାଦୀ ଜୀବ ବା ପଶୁ ହିଁ ଯେଉଁମାନେକି ଜିହାଦ୍ ନିମନ୍ତେ ବ୍ୟବହୃତ ହୁଅନ୍ତି ସେହିମାନେ ହିଁ ଉକ୍ତ ଗୋଚର ଭୂମିରେ ଚରି ପାରିବେ । ଅନ୍ୟ ଜୀବମାନେ ନିଜ ନିଜର ଗୋଚଚ ଭୂମିକୁ ଯାଆନ୍ତୁ । ହ. ବିଲାଲ୍ ର.ଅ କହିଲେ ଯେ, ହେ ଅଲ୍ଲାଃ ରସୁଲୁଲ୍ଲାଃ ସ.ଅ ସେହି ଦୁର୍ବଳ ପୁରୁଷ ଓ ଦୁର୍ବଳ ମହିଳା ସଂପର୍କରେ ଆପଣଙ୍କର କ'ଣ ସବୁ ମତାମତ ରହିଛି ? ଯେଉଁ ବ୍ୟକ୍ତି ନିକଟରେ ସ୍ୱଳ୍ପ ସଂଖ୍ୟକ ଛେଳୀ ମେଣ୍ଢାଦି ଥାଆନ୍ତି ତେବେ ସେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ସାମର୍ଥ୍ୟତା ରଖେ ନାହିଁ ତେବେ ସେ ସ୍ଥଳେ ଆପଣ ସ.ଅ କହିଲେ: ସେହି ଜୀବମାନଙ୍କୁ ଛାଡ଼ିଦିଅ ସେମାନଙ୍କୁ ସେହି ଗୋଚର ଭୂମିରେ ଚରିବାକୁ ଦିଅ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ମାଦି, ଭାଗ-4, ପୃ-352-353, ଗଜ୍‌ୱା ବନି ମୁସ୍ତଲିକ୍, ପ୍ରକାନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ଲେବ୍‌ନାନ-1993 ମସିହା)**

ହୁଜୁର ଅନୱର୍ ଅ.ବ କହିଲେ, ଏହି ବର୍ଣ୍ଣନାଟି ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇ ସାରିଛି ଯେ, ଜଣେ ଅନସାରୀ ବ୍ୟକ୍ତି ଥିଲେ । ଯେକି ଜୁବୈର୍ ର.ଅଙ୍କୁ ହର୍‌ରାହ୍ ନଈ ସଂକ୍ରାନ୍ତରେ କଳହ କଲେ । ଏହି ନଈରୁ ଲୋକମାନେ ନିଜର ଖଜୁରୀ ଉଦ୍ୟାନକୁ ଜଳସେଚନ କରୁଥିଲେ । ଅନ୍‌ସାରୀ ଜଣକ ହ. ଜୁବୈର୍ ର.ଅଙ୍କୁ କହିଲା କି ହେ ଜୁବୈର୍ ! ପାଣି ପ୍ରବାହିତ ହେବାକୁ ଦିଅ । କିନ୍ତୁ ହ. ଜୁବୈର୍ ର.ଅ ମାନିଲେ ନାହିଁ। ଦୁହେଁ ନବୀ କରୀମ୍ ସ.ଅଙ୍କ ନିକଟକୁ କଳହର ସମାଧାନ ନିମନ୍ତେ ଆସିଲେ। ରସୁଲୁଲ୍ଲାଃ ସ.ଅ ହ. ଜୁବୈର୍ ର.ଅଙ୍କୁ କହିଲେ: ହେ ଜୁବୈର୍! ତୁମେ ନିଜର ବୃକ୍ଷଗୁଡ଼ିକୁ ସେଚିତ କରିନିଅ । ପୁନଶ୍ଚ ଏହାପରେ ନିଜର ପଡ଼ୋଶୀର କ୍ଷେତକୁ ଜଳ ଯିବାକୁ ଦିଅ ଅର୍ଥାତ ପାଣି ଛାଡ଼ିଦିଅ । ଅନ୍‌ସାରୀ ଆଁହଜରତ ସ.ଅଙ୍କ ଏହି ନିର୍ଣ୍ଣୟକୁ ଶୁଣି କ୍ରୋଧିତ ହୋଇ ଉଠିଲା ଏବଂ କହିଲା: ଆପଣ ସ.ଅ ଏହି ନିର୍ଣ୍ଣୟଟି ଏଇଥି ପାଇଁ ଦେଇଛନ୍ତି ଯେ, ଉକ୍ତ ବ୍ୟକ୍ତି ହେଉଛି ଆପଣଙ୍କ ପିଉସୀଙ୍କ ପୁତ୍ର ଭାଇ। ତେଣୁ ଏକଥା ଶୁଣିବା ମାତ୍ରେ ଆପଣ ସ.ଅଙ୍କ ମୁଖମଣ୍ଡଳ ବିବର୍ଣ୍ଣ ହୋଇଗଲା ଏବଂ ଆପଣ ସ.ଅ କହିଲେ: ଜୁବୈର୍ ! ତୁମେ ନିଜର ବୃକ୍ଷମାନଙ୍କୁ ଜଳ ଦିଅ । ପୁନଶ୍ଚ ଜଳକୁ ତୁମେ ଅଟକାଇ ରଖ ଏପର୍ଯ୍ୟନ୍ତକି ତାହା କ୍ଷେତର ଶୀର୍ଷ ଭାଗ ପର୍ଯ୍ୟନ୍ତ ଭର୍ତ୍ତି ହୋଇଯିବ । ହ. ଜୁବୈର୍ ର.ଅ କୁହନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଉକ୍ତ ଆୟତ୍‌ଟି ସେହି ସମୟ ଅବତୀର୍ଣ୍ଣ ହୋଇଥିଲା ଯେ, ତୁମ୍ଭର ପାଳନକର୍ତ୍ତାଙ୍କ ଶପଥ ! ସେହି ବ୍ୟକ୍ତିମାନେ କଦାପି ବିଶ୍ୱାସକାରୀ ହୋଇପାରିବେ ନାହିଁ ଯେପର୍ଯ୍ୟନ୍ତକି ସେମାନେ ତୁମ୍ଭର ସେହି ଆଦେଶାବଳୀକୁ ପାଳନ କରି ନେଇ ନାହାନ୍ତି ଯାହାକି ସେମାନଙ୍କ ମଧ୍ୟରେ

### ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 14-SEPTEMBER 2023 Issue No.-37

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ବିବାଦର ରୂପ ଧାରଣ କରିଥାଏ । ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ ।

(ସହୀହୁଲ୍ ବୁଖାରୀ, କିତାବୁଲ୍ ମୁସାକାତୁ ୱସ୍ ସୈରା, ବାବୁ ସକରଲ୍ ଅନହାର୍, ହଦିସ୍ ନଂ-2359-2360)

ଉକ୍ତ ହଦିସ୍‌ରେ ଯେଉଁ ଅନ୍‌ସାରମାନଙ୍କର ଚର୍ଚ୍ଚା ରହିଛି ସେମାନଙ୍କ ସଂପର୍କରେ ବ୍ୟାଖ୍ୟା ପୁସ୍ତକରେ ମତପାର୍ଥକ୍ୟ ରହିଛି । ତଫ୍‌ସିର୍ କବିର୍‌ରେ ମକ୍କି ୱନ୍ ନୁହାସିନ୍‌ର କଥନାନୁଯାୟୀ ଉଲ୍ଲେଖ ରହିଛି ଯେ, ସେହି ଅନ୍‌ସାରୀ ହେଉଛନ୍ତି ହ. ହାତିବ୍ ବିନ୍ ଅବି ବଲ୍‌ତାଅ ।

**(ଅଲ୍‌ଜାମିଉଲ୍ ଇହ୍‌କାମୁଲ୍ କୁର୍‌ଆନ୍, ଅଲ୍ କର୍ତ୍ତବି, ଭାଗ-6, ପୃ-441, ମୁୱସ୍ସସ୍ସତୁର୍ ରିସାଲାତୁ, ବୈରୁତ୍-2006 ମସିହା)**

ଖୁତ୍‌ବା ଅନ୍ତେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଏମାନେ ହେଉଛନ୍ତି କେତେକ ସାହାବାମାନେ ଯେଉଁମାନଙ୍କର ଜୀବନୀ ଚର୍ଚ୍ଚା ମୁଁ ବର୍ଣ୍ଣନା କରିଛି ଅବଶିଷ୍ଟ ସାହାବାମାନଙ୍କର ଜୀବନୀ ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ବର୍ଣ୍ଣନା କରିବି ।

☆ ☆ ☆

## ପୃ -2 ର ଅବଶିଷ୍ଟାଂଶ..........

ଖଲିଫାମାନେ ସମସ୍ତ ମୁସଲମାନମାନଙ୍କୁ କ'ଣ ବୋଲି ମନେକରୁଛନ୍ତି ? ଯେ, ମୁସଲମାନମାନେ ମିର୍ଜା କାଦିଆନୀର ଦାବିକୁ ସ୍ୱୀକାର କରନ୍ତି ନାହିଁ । ମିର୍ଜା ଗୁଲାମ ଅହେମଦ କାଦିଆନୀ ନିଜର ପୁସ୍ତକ ତଜ୍‌କିରାହ୍‌ର ପୃ-519ରେ ଏହି ଧର୍ମାଜ୍ଞା ଦିଅନ୍ତି ଯେ, **"ଅଲ୍ଲାଃତାଲା ମୋ ଉପରେ ଏହା ପ୍ରକାଶ କରିଛନ୍ତି ଯେ, ପ୍ରତ୍ୟେକ ସେହି ବ୍ୟକ୍ତି ଯାହା ପର୍ଯ୍ୟନ୍ତ ମୋର ଦାବି ପହଞ୍ଚିଛି ଓ ସେ ଯଦି ମୋତେ ଗ୍ରହଣ ନକରେ ତେବେ ସେ ମୁସଲମାନ ନୁହେଁ ବରଂ ସେ ଅଲ୍ଲାଃତାଲାଙ୍କ ନିକଟରେ ଦଣ୍ଡଯୋଗ୍ୟ ଅଟେ ।"** ସେହିପରି ଅନ୍ୟ ଏକ ସ୍ଥଳେ ମିର୍ଜା କାଦାଆନୀ ଉଲ୍ଲେଖ କରନ୍ତି ଯେ, **"ବର୍ତ୍ତମାନ ପ୍ରକାଶ୍ୟ ଥାଉ କି ସେହି ଐଶୀବାଣୀ ଓ ସଂକ୍ରାନ୍ତରେ ବାରମ୍ବାର ବର୍ଣ୍ଣନା କରାଯାଇଛି ଯେ, ମୁଁ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ଅବତାର, ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ, ଈଶ୍ୱରଙ୍କ ସନ୍ତକ ରକ୍ଷାକାରୀ ଓ ଈଶ୍ୱରଙ୍କ ତରଫରୁ ଆସିଅଛି । ଏବି ଅବତାର ଅର୍ଥାତ (ମିର୍ଜା ଗୁଲାମ ଅହେମଦ କାଦିଆନୀ) ଯାହାକିଛି କହୁଛି ତାହା ଉପରେ ବିଶ୍ୱାସ କର ଏବଂ ଶତ୍ରୁ ନର୍କଗାମୀ ଅଟେ। (ରିସାଲା ଦାୱତେ କୌମ୍, ରୁହାନୀ ଖଜାଏନ୍-11, ପୃ-62 ବି.ଦ୍ର)** ।" ମହୋଦୟ ମିର୍ଜା ସାହେବ ନିଜକୁ କିପରି ଇସଲାମ ଧର୍ମର ସଦସ୍ୟ ରୂପେ ବିବେଚିତ କରୁଛନ୍ତି ? ଆମର ସେଥିରେ କୌଣସି ଆପତ୍ତି ନାହିଁ କି କିଛି ଯାଏ ଆସେ ନାହିଁ ଯେ, ସରକାର ଏମାନଙ୍କ ଉପରେ କ'ଣ କ'ଣ ଅନୁକମ୍ପା କରୁଛନ୍ତି। କିନ୍ତୁ ସରକକାରଙ୍କ ପକ୍ଷେ ଏହା ଉଚିତ ନୁହଁ ଯେ, ସେ କାଦିଆନୀମାନଙ୍କୁ ମୁସଲମାନ ବୋଲି ବିବେଚିତ କରିବା ପାଇଁ କିମ୍ବା କାଦିଆନୀମାନଙ୍କୁ ମୁସଲମାନ ବୋଲି ଗ୍ରହଣ କରିବା ପାଇଁ ଆମମାନଙ୍କୁ ବାଧ କରନ୍ତୁ । ସୁତରାଂ ଯଦି ଉକ୍ତ ଉପଦ୍ରବକୁ ଯଥା ସମସୟରେ ପ୍ରତିହତ ନକରାଗଲା ତେବେ ସେହି ଦିନ ଆଉ ବେଶୀ ଦୂର ନୁହେଁ ଯେ, କାଦିଆନୀମାନେ ସରକାରଙ୍କ ମନରେ ବିଶ୍ୱାସ ଜନ୍ମାଇ ଏହବଂ ସରକାରଙ୍କ ପ୍ରିୟ ଭାଜନ ହୋଇ ମୁସଲମାନମାନଙ୍କ ମସଜିଦ୍‌ଗୁଡ଼ିକ ଉପରେ ଅଧିଗ୍ରହଣ ବା କବ୍‌ଜା କରିବାକୁ ଲାଗିଯିବେ । ତେଣୁ ଧାର୍ମିକ ସଂଗଠନମାନଙ୍କର ଏହି ଦାୟିତ୍ୱ ରହିଛି ଯେ, ସେମାନେ ମଧ ସରକାରଙ୍କ ନିକଟରେ ନିଜର ପ୍ରିତିନିଧିତ୍ୱ କରାଇ ଉକ୍ତ ପ୍ରସଙ୍ଗରେ ହସ୍ତକ୍ଷେପ କରି ସରକାରଙ୍କୁ ଏହା କୁହନ୍ତୁ ଯେ, ସରକାର ତତ୍‌ସଂପର୍କରେ ହସ୍ତକ୍ଷେପ କରନ୍ତୁ ନାହିଁ । ଅଖିଳ ଭାରତୀୟ ଇସ୍‌ଲାମୀୟ ସଂଗଠନ ଯଥା ସମୟରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ତେବେ ନିକଟ ଭବିଷ୍ୟତରେ ଏହାର ଭୟଙ୍କର ପରିଣାମର ସମ୍ମୁଖୀନ ହେବାକୁ ପଡ଼ିବ । ଫଳତଃ ଆମର ନୂତନ ପିଢୀ ଆମମାନଙ୍କୁ କ୍ଷମା କରିବେ ନାହିଁ ।

☆ ☆ ☆

لَآ اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ

”مجھ کو کافر کہہ کے اپنے کفر پر کرتے ہیں مہر
یہ تو ہے سب شکل ان کی ہم تو ہیں آئینہ دار“

(ମନ୍‌ଜୁମ୍ କଲାମ୍ ହ. ମିର୍ଜା ଗୁଲାମ୍ ଅହେମଦ କାଦିଆନୀ ପ୍ରତିଶ୍ରୁତ ମସିହ୍ ଓ ମେହଦୀ)

## ହାଇଦ୍ରାବଦ୍‌ର ମୁନସିଫ୍ ଖବର କାଗଜରେ ଜମାଅତ୍ ଅହେମଦିୟା ବିରୁଦ୍ଧରେ ପ୍ରକାଶିତ ଆପତ୍ତିର ମୁସଲିମ୍ ଜମାଅତ୍ ଅହେମଦିୟା ପକ୍ଷରୁ ଉତ୍ତର.....

ବିଗତ ଦିନ ଆନ୍ଧ୍ରପ୍ରଦେଶ ରାଜ୍ୟର ୱକ୍‌ଫ୍ ବୋର୍ଡ଼ ପକ୍ଷରୁ ଏହି ବବୃତ୍ତି ଜାରି କରାଗଲା ଯେ, ଅହେମଦିମାନେ ମୁସଲମାନ ନୁହନ୍ତି ଓ ମୁସ୍‌ଲିମ ଜମାଅତ୍ ଅହେମଦିୟାକୁ ଅଣମୁସଲମାନ ବୋଲି ବିବେଚିତ କରାଗଲା । ଏହାର ଜବାବରେ ସଂଖ୍ୟାଲଘୁ ଉନ୍ନୟନ ମନ୍ତ୍ରାଳୟର କେନ୍ଦ୍ରୀୟ ମନ୍ତ୍ରୀ ଶ୍ରୀମତି ସ୍ମୃତି ଇରାନୀ ଜୁଲାଇ ମାସ 26 ତିରଖ 2023 ମସିହା ବୁଧବାର ଦିନ ଆନ୍ଧ୍ର ପ୍ରଦେଶ ବୋର୍ଡ଼ର ଏହି ନିଷ୍ପତ୍ତିକୁ ଭୁଲ ବୋଲି ବିବେଚିତ କରି କହିଲେ ଯେ, କୌଣସି ରାଜ୍ୟର ୱାକ୍‌ଫ୍ ବୋର୍ଡ଼କୁ, କୌଣସି ବ୍ୟକ୍ତି କିମ୍ବା ସଂପୃକ୍ତ ଜାତି ଭାଇଙ୍କୁ ଇସ୍‌ଲାମ୍ ଧର୍ମରୁ ବାହାର କରିବାର କୌଣସି ଅଧିକାର ନାହିଁ । ଶ୍ରୀମତି ସ୍ମୃତି ଇରାନୀ କହିଲେ, ସମସ୍ତ ୱକ୍‌ଫ୍ ବୋର୍ଡ଼, ପାର୍ଲାମେଣ୍ଟ ମାଧମରେ ତିଆରି କରାଯାଇଥିବା ଅଧିନିୟମ ଆଇନ ଅଧୀନ ଆସନ୍ତି । ସଂସଦରେ ଯେଉଁ ଅଧି ନିୟମ ତିଆରି କରାଯାଇଛି ବା ପାରିତ ହୋଇଛି କୌଣସି ୱକ୍‌ଫ ବୋର୍ଡ୍ ଦେଶର ସଂସଦର ଗାରିମାକୁ କ୍ଷତି ପହଞ୍ଚାଇ ପାରିବ ନାହିଁ ଏବଂ ନିୟମ ବିରୁଦ୍ଧୀୟ କାର୍ଯ୍ୟକଳାପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ଶ୍ରୀମତି ସ୍ମୃତି ଇରାନୀ ଅତିରିକ୍ତ କହିଲେ କି ୱକ୍‌ଫ୍ ବୋର୍ଡ଼କୁ ଏଭଳି ଅନୁମତି ଦିଆଯାଇ ପାରିବ ନାହିଁ ଯେ, ସେ ଧର୍ମାଜ୍ଞା ଜାରି କରାଇ ଦେଶର ସମ୍ବିଧାନକୁ ପରିବର୍ତ୍ତନ କରିଦେବ । ଆମେ ଏହି ସମସ୍ୟା ସଂପର୍କରେ ଆନ୍ଧ୍ର ପ୍ରଦେଶର ମୁଖ୍ୟ ଶାସନ ସଚିବଙ୍କୁ ଜବାବ ରଖିବା ପାଇଁ କହିଛୁ ।

ସ୍ମୃତି ଇରାନୀଙ୍କ ଏହି ବିବୃତ୍ତି ଉପରେ ମୁସଲମାନ ବିଦ୍ୱାନ୍, ମୁସଲମାନ ସଂଗଠନ ଓ ସମ୍ବାଦପତ୍ର ନିଜର ଦୁଃଖ, କ୍ଷୋଭ ତଥା କ୍ରୋଧ ପ୍ରକାଶ କରିଛନ୍ତି ଏବଂ ସ୍ମୃତି ଇରାନୀଙ୍କ ଏହି ବୟାନ୍‌କୁ ଭୁଲ ବୋଲି ବିବେଚିତ କରି ୱକଫ୍ ବୋର୍ଡ଼ର ବିବୃତ୍ତିକୁ ସଠିକ୍ ଓ ବୈଧ ବୋଲି ବିବେଚିତ କରିଛନ୍ତି । ତତ୍‌ସହିତ ଉପରୋକ୍ତ ସଂଗଠନଗୁଡ଼ିକ ଜମାଅତ୍ ଅହେମଦିୟାକୁ ଅବଜ୍ଞାକାରୀ ଏବଂ ଅଣମୁସଲମାନ ହେବାର ମନଗଢା ତଥା କପୋଳକଳ୍ପିତ, ଭିତ୍ତିହୀନ ପ୍ରମାଣ ଦେଇଛନ୍ତି । କେବଳ ସେତିକି ନୁହେଁ ବରଂ ମିଥ୍ୟାା ଓ ଜମାଅତ୍ ଅହେମଦିଆ ଉପରେ ଅତ୍ୟନ୍ତ ଅବୈଧ ଦୋଷାରୋପଣ କରିଛନ୍ତି । **ଇନ୍‌ଶାଅଲ୍ଲାଃ** ଆମେ ସେମାନଙ୍କର ସମସ୍ତ ମନଗଢା, ଭିତ୍ତହୀନ, ପ୍ରମାଣହୀନ ଓ ମିଥ୍ୟା କଥାଗୁଡ଼ିକର ବିସ୍ତୃତ ଭାବରେ ଉତ୍ତର ପ୍ରଦାନ କରିବୁ । (ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ....)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan